## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୫।୨୦୨୨

| | |
|---|---|
| ୪,୭୦,୧୭୬ ଟଙ୍କା | |
| ସୁନା | ୩ ଗ୍ରାମ |
| ରୁପା | ୩୦.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମିଶନ୍ ଡ୍ରିମ୍ସ ପକ୍ଷରୁ ମିସ୍, ମିଷ୍ଟର, ମିସେସ୍ ଇଣ୍ଡିଆ- ୨୦୨୨, ଗୁରୁ କେଲୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଜୟଦେବ ବିହାର, ପୂର୍ବାହ୍ନ ୧୦ଟା।
- କବି ପ୍ରତିଭା ସାହୁଙ୍କ କବିତା ସଂକଳନ 'ଚିତ୍ରିତ ଆୟୁଷ' ପାଠକାର୍ପଣ, ରାଜ୍ୟ ସଂଗ୍ରହାଳୟ ସଭାଗୃହ, ପୂର୍ବାହ୍ନ ୧୦ଟା ୪୫।
- କେଟି ଗ୍ଲୋବାଲ ସ୍କୁଲରେ ପୂର୍ବତନ କ୍ରିକେଟର ମହମଦ ଆଜାରୁଦ୍ଦିନଙ୍କ ପରିଦର୍ଶନ ଓ ଆଲୋଚନା, ମେଁ ଫେୟାର ଲାଗୋନ, ଅର୍କିଡ୍ ହଲ୍, ଅପରାହ୍ନ ୪ଟା।
- ସଂଭାବନା ପକ୍ଷରୁ ପ୍ରଣବ ପଟ୍ଟନାୟକ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ନବ ନିର୍ବାଚିତ ମେୟର ଓ କର୍ପୋରେଟରଙ୍କୁ ସମ୍ବର୍ଦ୍ଧନା, ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ଭିଏସ୍ଏସ୍ ନଗର, ଅପରାହ୍ନ ୫ଟା ୩୦।
- ବିଭାବନାର ୩୫ତମ ପୂର୍ତ୍ତି ଉତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ, ସନ୍ଧ୍ୟା ୬ଟା।
- ୪ର୍ଥ ଜାତୀୟ ନାଟ୍ୟ ମହୋତ୍ସବ ୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀଶ୍ରୀ ଠାକୁର ନୃସିଂହନାଥଙ୍କ ଜନ୍ମ ମହୋତ୍ସବରେ ୧୧ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ, ନୃସିଂହନାଥ ମନ୍ଦିର ପ୍ରାଙ୍ଗଣ, ପାରିବାସୁଦେଇପୁର, ସକାଳ ୬ଟା।
- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, ଗଡ଼ ନହରକଣ୍ଟା, ରୁଦ୍ରେଶ୍ୱର ମନ୍ଦିର ନିକଟ, ପୂର୍ବାହ୍ନ ୯ଟା।
- ବାଦୀପାଳା, ବଙ୍ଗୁଆରୀ, ମା' ଜାଗୁଲାଇ ପୀଠ, ସନ୍ଧ୍ୟା ୭ଟା।

କଟକ

- ଅଭିନବ ବିଡ଼ାନାସୀ ୱାକର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର, କ୍ଲବର ବୈଠକ ସ୍ଥଳ, ସେକ୍ଟର-୭, ସିଡିଏ, ସକାଳ ୬ଟା ୩୦।
- ପ୍ରଥମ ସଂଯୁକ୍ତ କଟକ ଜିଲା ଯୋଗ ଚାମ୍ପିୟନଶିପ, କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସକାଳ ୭ଟା।
- ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ 'ବଣମାଳତୀ' ପୁସ୍ତକ ଉନ୍ମୋଚନ ଉତ୍ସବ, ଗ୍ରାଣ୍ଡ ରେସିଡେନ୍ସି ସମ୍ମିଳନୀ କକ୍ଷ, ପାଲାମଣ୍ଡପ, ପୂର୍ବାହ୍ନ ୧୦ଟା।
- ସନ୍ଥ ଭୀମଭୋଇ ସାହିତ୍ୟ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଓ ଆଧ୍ୟାତ୍ମିକ ସମ୍ମିଳନୀ, ସାରଳା ଭବନ, ପୂର୍ବାହ୍ନ ୧୦ଟା।
- ସପ୍ତଦଶ କଟକ ବୈଶାଖୀ ବାଣିଜ୍ୟ ମେଳାର ଉଦ୍‌ଯାପନୀ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୪ଟା।
- ପାକ୍ଷିକ ଖବରକାଗଜ କଳିଙ୍ଗପ୍ରଭାର ସ୍ୱନକ୍ଷତ୍ର ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୫ଟା।
- ପଦ୍ମଶ୍ରୀ ରଜତ କୁମାର କରଙ୍କ ରାଜ୍ୟସ୍ତରୀୟ ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭା, ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସନ୍ଧ୍ୟା ୬ଟା।
- ସାମାଜିକ କର୍ମୀ ତଥା ଓଡ଼ିଶାର ଫ୍ଲୋରେନସ୍ ନାଇଟିଙ୍ଗଲ୍ ସ୍ୱର୍ଗତ ବିନୋଦିନୀ ପଟ୍ଟନାୟକଙ୍କ ଫଟୋଚିତ୍ର ଉନ୍ମୋଚନ ସଭା, ନାରୀସେବା ସଦନ, ସନ୍ଧ୍ୟା ୬ଟା।

# ବିଜୟିନୀଙ୍କୁ ୨୦ ଲକ୍ଷ ଫେରାଇବାକୁ ଆଇଟିଡିସିକୁ ନିର୍ଦ୍ଦେଶ

## ଆଇଟିଡିସି ନାଁରେ ୫୦ ଲକ୍ଷ ଠକେଇ ମାମଲା

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ପୁରୀରେ ଥିବା ଭାରତୀୟ ପର୍ଯ୍ୟଟନ ନିଗମ (ଆଇଟିଡିସି)ର ନୀଳାଚଳ ଅଶୋକ ହୋଟେଲକୁ କିଣାଇଦେବାକୁ କହି ୫୦ ଲକ୍ଷ ଟଙ୍କା ଠକେଇ ମାମଲାର ଶୁଣାଣି ଶନିବାର ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହୋଇଥିଲା। ଠକେଇର ଶିକାର ହୋଇଥିବା ପୁରୀର ହୋଟେଲ ବ୍ୟବସାୟୀ ତପନ କୁମାର ମହାନ୍ତିଙ୍କୁ ୨୦ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ଆଇଟିଡିସିକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୫୦ ଲକ୍ଷ ଠକେଇ ଟଙ୍କାରୁ ୩୦ଲକ୍ଷ ଅଭିଯୁକ୍ତମାନେ ଠକି ନେଇଥିବାବେଳେ ଅଭିଯୁକ୍ତଙ୍କ କଥାରେ ପଡି ତପନ ୨୦ ଲକ୍ଷ ଟଙ୍କା ଆଇଟିଡିସି ଅଫିସିଆଲ ଆକାଉଣ୍ଟଙ୍କୁ ପଠାଇଥିଲେ। ବର୍ତ୍ତମାନ ତପନ ବ୍ରେନ୍‌ଷ୍ଟ୍ରୋକ୍ ସହ ପାରାଲିସିସ୍‌ରେ ପୀଡିଥିବାରୁ ଆଇଟିଡିସି ଆକାଉଣ୍ଟକୁ ଯାଇଥିବା ଟଙ୍କାକୁ ତାଙ୍କ ସ୍ତ୍ରୀ ବିଜୟିନୀ ମହାନ୍ତିଙ୍କୁ ଫେରସ୍ତ ପାଇଁ କୋର୍ଟ କହିଛନ୍ତି। ସୂଚନାନୁଯାୟୀ, ଏହି ମାମଲାରେ ମୋଟ ୩ଜଣ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି। ସେମାନେ ହେଲେ ଚନ୍ଦନ ଆକାଶ ମହାନ୍ତି, ଅନିକେଶ ସାହୁ ଓ ବିକାଶ ମହାରଣା। ଅଭିଯୁକ୍ତ ଚନ୍ଦନ ନିଜକୁ ଆଇଟିଡିସିର ବରିଷ୍ଠ ଅଧିକାରୀ ଓ ଅନିକେଶ ଆଇଟିଡିସି ପ୍ରୋଜେକ୍ଟର କଣ୍ଟ୍ରାକ୍ଟର କହି ତପନଙ୍କ ସହ ସମ୍ପର୍କ ବଢାଇଥିଲେ। ଆଇଟିଡିସି ପରିଚାଳନାରେ ପୁରୀରେ ଥିବା ନୀଳାଚଳ ଅଶୋକ ହୋଟେଲକୁ କିଣାଇ ଦେବାକୁ କହି ତପନଙ୍କ ସହ ସେମାନେ ୧୫ କୋଟିର ଡିଲ୍ କରିଥିଲେ। ବିଶ୍ୱାସ ଜମାଇବା ଲାଗି ଅଭିଯୁକ୍ତମାନେ ତପନଙ୍କୁ ଦିଲ୍ଲୀସ୍ଥିତ ଆଇଟିଡିସି ମୁଖ୍ୟାଳୟର ଅଫିସିଆଲ ଆକାଉଣ୍ଟରେ ୨୦ ଲକ୍ଷ ଟଙ୍କା ଜମା କରିବାକୁ କହିଥିଲେ। ବାକି ୩୦ ଲକ୍ଷ ନଗଦ ଓ ବ୍ୟାଙ୍କ ଜମା ଆକାରରେ ଅଭିଯୁକ୍ତଙ୍କୁ ଦେଇଥିଲେ। ଓଟିଡିସିର କର୍ମଚାରୀର ପରିଚୟ ଦେଇଥିବା ଅନ୍ୟତମ ଅଭିଯୁକ୍ତ ବିକାଶ ନଗଦ ଟଙ୍କା ତପନଙ୍କଠାରୁ ଗ୍ରହଣ କରିଥିଲେ। ଏହାପରେ ଅଭିଯୁକ୍ତମାନେ ଆଉ ଧରାଛୁଆଁ ଦେଉ ନ ଥିଲେ। ତେବେ ଠକେଇ ସମ୍ପର୍କରେ ଜାଣିବା ପରେ ତପନ ବ୍ରେନ୍ ଷ୍ଟ୍ରୋକ୍ ସହ ପାରାଲିସିସ୍‌ରେ ଶିକାର ହେଲେ। ଏନେଇ ତାଙ୍କ ସ୍ତ୍ରୀ ବିଜୟିନୀ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ ମାମଲା (ନଂ ୧୩/୨୧) ରୁଜୁ କରି ଅଭିଯୁକ୍ତ ଚନ୍ଦନ ଓ ଅନିକେଶଙ୍କୁ ଗିରଫ କରିଥିଲା। ପରେ ବିକାଶ ଆତ୍ମସମର୍ପଣ କରିଥିଲେ। ଏହାପୂର୍ବରୁ ଓଡ଼ିଶା ପର୍ଯ୍ୟଟନ ନିଗମ (ଓଟିଡିସି) ନାଁରେ କଣ୍ଟ୍ରାକ୍ଟର ଧନୁର୍ଦ୍ଧର ଚମ୍ପତିରାୟଙ୍କଠାରୁ ୩ କୋଟି ଟଙ୍କା ଠକେଇ ହୋଇଥିଲା। ଉକ୍ତ ମାମଲାର ତଦନ୍ତବେଳେ ୫୦ଲକ୍ଷ ଠକେଇ ଘଟଣାରେ ଅଭିଯୁକ୍ତଙ୍କ ଲିଙ୍କ୍ ପାଇଥିଲା ଇଓଡବ୍ଲ୍ୟୁ।

# 'କମଳ ଲୋଚନଙ୍କ ନାଟକର ଗବେଷଣା ଜରୁରୀ'




ପ୍ରଫେସର ଏଚ୍. ଏସ୍. ଶିବପ୍ରକାଶ ଶତବାର୍ଷିକୀ ବକ୍ତୃତା ପ୍ରଦାନ କରୁଛନ୍ତି। ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## କମଳ ଲୋଚନ ଶତବାର୍ଷିକୀ ବକ୍ତୃତା

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ନାଟକର କ୍ଷେତ୍ର ସୀମିତ ନୁହେଁ। ବିଶେଷ କରି ଓଡ଼ିଆ ନାଟକ ସମ୍ପର୍କିତ ତଥ୍ୟ ଓ ଏହାର ଇତିହାସ ଖୁବ୍ ଲମ୍ବା। ଏହାକୁ ପଢିବା ଓ ଜାଣିବା ଆବଶ୍ୟକ। ବର୍ତ୍ତମାନର ଲୋକଙ୍କୁ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିଲେ ସେମାନେ ନାଟକ ବିଷୟରେ ଜାଣିବାକୁ ବେଶି ଆଗ୍ରହୀ ହେବେ। 'ସମକାଳୀନ ନାଟ୍ୟକଳା ଓ ଏହାର ସୌଖୀନ କଳା'କୁ ନେଇ ଶନିବାର ସୂଚନା ଭବନରେ ଅନୁଷ୍ଠିତ କମଳ ଲୋଚନ ମହାନ୍ତି ଶତବାର୍ଷିକୀ ବକ୍ତୃତାରେ ପ୍ରଫେସର ଏଚ୍. ଏସ୍. ଶିବପ୍ରକାଶ ଯୋଗଦେଇ ଏହା କହିଛନ୍ତି। କମଳ ଲୋଚନ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର କହିଲେ, ନାଟକ ବିଷୟରେ ଯେତେ ପଢିବ ସେତେ ଜାଣିବ। ଆଜିର ଯୁବପିଢି କମଳ ଲୋଚନ ମହାନ୍ତିଙ୍କ ନାଟକ ପଢିବା ଓ ଗବେଷଣା କରିବା ଆବଶ୍ୟକ। ଏମିତି ହେଲେ ବର୍ତ୍ତମାନ ଓ ଆଗର ନାଟକ ବିଷୟରେ ପ୍ରଭେଦ ଓ ଅନେକ ସୂଚନା ପାଇପାରିବେ। ଅନ୍ୟ ଅତିଥିଙ୍କ ମଧ୍ୟରେ ନିର୍ଦ୍ଦେଶକ ଓ ନାଟ୍ୟକାର ଅନନ୍ତ ମହାପାତ୍ର, ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ସୁବାସ ପାଣି ଉପସ୍ଥିତ ଥିଲେ। କେଦାର ମିଶ୍ର ସ୍ୱାଗତ ଭାଷଣ ଓ ଅନୁଷ୍ଠାନର ସୁଶ୍ରୀ ଉପାସନା ଧନ୍ୟବାଦ ଦେଇଥିଲେ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ସାଲେପୁର, ୧୪।୫(ଡି.ଏନ୍.ଏ.)

ଅଧିକ ଯୌତୁକ ପାଇଁ ୨ ସନ୍ତାନର ଜନନୀଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ମୃତ ମହିଳାଙ୍କ ସ୍ୱାମୀ ବି. ହରିନାଥ ଆଚାରୀଙ୍କୁ ଅଟକ ରଖିଛି। ହରିନାଥଙ୍କ ଘର ସାଲେପୁର ଥାନା ଅନ୍ତର୍ଗତ କେନ୍ଦୁପାଟଣା ବାଉନପତି ବଣିଆସାହିରେ। ସେ ୨୦୧୩ରେ ଭୁବନେଶ୍ୱର ବରଗଡ଼ ଥାନା ଅଧୀନ ଟଙ୍କପାଣିରୋଡ୍‌ର ଭାସ୍କର ରାଓ ଆଚାରୀଙ୍କ ଭଉଣୀ ବି.ଗୀତା ଆଚାରୀ (୩୮)ଙ୍କୁ ବିବାହ କରିଥିଲେ। ସେହି ସମୟରେ ବରଘର ଦାବି ମୁତାବକ ଯୌତୁକ ବାବଦକୁ ଆସବାବପତ୍ର ଓ ନଗଦ ଟଙ୍କା, ସୁନାରୁପା ଅଳଙ୍କାର ଦିଆଯାଇଥିଲା। ହେଲେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଗୀତାଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଶୁକ୍ରବାର ଗୀତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ତାଙ୍କ ଭାଇ ଭାସ୍କର ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ୧୫୦/୨୨ ନମ୍ବରରେ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଦେବା ସହ ହରିନାଥଙ୍କୁ ଥାନାରେ ପଚରାଉଚରା କରୁଛି। ଗୀତାଙ୍କର ୨ବର୍ଷ ଓ ୯ବର୍ଷର ୨ଟି ପୁତ୍ର ସନ୍ତାନ ଅଛନ୍ତି।

# ଜମି ବିକି ମହାପ୍ରଭୁଙ୍କୁ ୨୦ଲକ୍ଷ ଦେଲେ ଭକ୍ତ

ପୁରୀ ଅଫିସ,୧୪।୫

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଜଣେ ଭକ୍ତ ନୃସିଂହ ଚତୁର୍ଦ୍ଦଶୀ ଶନିବାର ଅବସରରେ ଅର୍ଥ ଦାନ କରିଛନ୍ତି। ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ସଦାନନ୍ଦପୁର ଅଞ୍ଚଳର ସୁପ୍ରଭା ପଣ୍ଡା ନାମକ ଭକ୍ତ ଶନିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୨୦ ଲକ୍ଷ ଟଙ୍କା ଅର୍ଥ ଦାନ କରିଛନ୍ତି । ସୁପ୍ରଭା ଚେକ୍ ମାଧ୍ୟମରେ ଏହି ଅର୍ଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁପ୍ରଭାଙ୍କୁ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗଲାଗି ଖଣ୍ଡୁଆ, ମହାପ୍ରଭୁଙ୍କ ଏକ ଫଟୋ ଚିତ୍ର ପ୍ରଦାନ କରାଯାଇଛି । ତେବେ ତାଙ୍କ ସ୍ୱର୍ଗତ ସ୍ୱାମୀଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ସେ ତାଙ୍କର ସମସ୍ତ ଜମି ବିକ୍ରି କରି ୨୦ ଲକ୍ଷ ଟଙ୍କା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

# 'ଚୁଆ ଚନ୍ଦନ'ରେ ବଙ୍ଗଳାର ୫୫୦ବର୍ଷ ପୂର୍ବର ଚିତ୍ର

ଭୁବନେଶ୍ୱର,୧୪।୫(ବ୍ୟୁରୋ)



ନାଟକ 'ଚୁଆ ଚନ୍ଦନ'ର ଏକ ଦୃଶ୍ୟ।

ଦର୍ଶକ ଦେଖିଲେ ୫୫୦ ବର୍ଷ ପୂର୍ବର ବଙ୍ଗଳା ଦେଶର ସ୍ଥିତି। ସେତେବେଳର ସାମାଜିକ ଚିତ୍ର ସହ ରାଜନୀତି, କୁସଂସ୍କାର, କ୍ଷମତାର ଅହଂକାର, ବ୍ରାହ୍ମଣବାଦ, ପ୍ରେମ, ହିଂସା, ଦମନ, ଅହଂକାର, ଅବୈଧ ବିବାହ ଆଦି ଘଟଣାକୁ ସମ୍ମୁଖକୁ ଆଣିଥିଲା ନାଟକ 'ଚୁଆ ଚନ୍ଦନ'। ବିଦ୍ୟାକନନ ସୃଜନାନୁଷ୍ଠାନ ଦ୍ୱାରା ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବର ଶନିବାର ସନ୍ଧ୍ୟାରେ କୋଲକାତା ଥିଏ ଲାଇଟ୍ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ଏହି ନାଟକ। ବ୍ୟବସାୟୀ ପୁତ୍ର ଚନ୍ଦନ, ବ୍ରାହ୍ମଣର ଅବୈଧ ଝିଅ ଚୁଆ, ପରାକର୍ମୀ ମାଧବରାୟ, ସାର୍ବଭୌମତ୍ୱ ଜାହିର କରୁଥିବା ଚମ୍ପାବତୀ ଓ ସିଦ୍ଧ ପୁରୁଷ ନିମାଇଁ ପଣ୍ଡିତଙ୍କ ପରି ୫ଟି ମୁଖ୍ୟ ଚରିତ୍ରମାନଙ୍କୁ ନେଇ ଏହି ନାଟକର କାହାଣୀ ଗତିଶୀଳ। ୧୫ଶ ଶତାବ୍ଦୀ ମଧ୍ୟଯୁଗୀୟ ବଙ୍ଗଳାରେ ଚୈତନ୍ୟଙ୍କର ଆଧ୍ୟାତ୍ମିକ ଆନ୍ଦୋଳନ ଜୋର୍ ଧରିଥିଲା। ସେହି ସମୟର ସାମାଜିକ ବ୍ୟବସ୍ଥାକୁ ପ୍ରତିରୋଧ କରିବା ପାଇଁ କଠୋରବାଦୀ ହିନ୍ଦୁଙ୍କ ଦ୍ୱାରା ଘଟିଥିବା ତତ୍କାଳୀନ ଘଟଣାଗୁଡ଼ିକ ବଙ୍ଗଳାର ସାମାଜିକ-ଆଧ୍ୟାତ୍ମିକ-ରାଜନୈତିକ-ଅର୍ଥନୈତିକ ସ୍ଥିତିକୁ ଦୋହଲାଇ ଦେଇଥିଲା। ଏସବୁକୁ ନିଖୁଣ ଭାବେ ଉପସ୍ଥାପନ କରିଥିଲେ କଳାକାର। ନାଟକର ନିର୍ଦ୍ଦେଶନା ଅତନୁ ସରକାର ଦେଇଛନ୍ତି। ମହୋତ୍ସବ ସନ୍ଧ୍ୟାରେ ରାଜସ୍ୱ ବିଭାଗର ସଚିବ ସତ୍ୟବ୍ରତ ସାହୁ, ନାଲ୍‌କୋ ଚେୟାରମ୍ୟାନ ଶ୍ରୀଧର ପାତ୍ର, ରୋଟାରିଆନ ଜୟଶ୍ରୀ ମାଝୀ, ଦେବାଶିଷ ମିଶ୍ର, ଅନୁଷ୍ଠାନର ସଭାପତି ସୁଧାକର ପାତ୍ରୀ, ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ଅଂଶୁମାନ ଦାସ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢୀ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶୀଲ



@ ସାଗରିକା



@ ଦେବଦତ୍ତ



@ ହିମାଂଶୁ



@ ମାନସ



@ ବାବୁନି

# 'ଖଦିହାଟ' ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଖାରବେଳନଗରସ୍ଥିତ କାର୍ଯ୍ୟାଳୟ ପରିସରରେ 'ଖଦିହାଟ' ଶନିବାର ଉଦ୍‌ଘାଟିତ ହୋଇଛି। ଏହା ୨୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନ ୩ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ପ୍ରଦର୍ଶନୀରେ ୪୦ ଷ୍ଟଲ ରହିଛି। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ବୁଣାକାର ତଥା ଉଦ୍ୟୋଗୀମାନେ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦର୍ଶନ ସହ ବିକ୍ରୟ କରୁଛନ୍ତି। ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ କାର୍ଯ୍ୟକ୍ରମରେ ପୌରହିତ୍ୟରେ କରି ବୋର୍ଡର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶକ୍ତି, ଶିଳ୍ପ, ଗୃହ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖଦିର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବୋର୍ଡର ସଚିବ ସରୋଜ କୁମାର ହୋତା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗାନ୍ଧିବାଦୀ ତଥା ପୂର୍ବତନ ଏମ୍‌ପି ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକଙ୍କୁ ତାଙ୍କ ଶ୍ରାଦ୍ଧୋତ୍ସବରେ ବୋର୍ଡ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।



ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଶନିବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଉଛି।



ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ନିମାପଡ଼ାର ମୁକ୍ତାକାଶ ରଙ୍ଗମଞ୍ଚରେ କଲେଜ ଛାତ୍ରୀମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରୁଛନ୍ତି।




ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଖାରବେଳନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଶନିବାର 'ଖଦିହାଟ'କୁ ଉଦ୍‌ଘାଟନ ପରେ ଅତିଥିମାନେ ଷ୍ଟଲ୍ ବୁଲି ଦେଖୁଛନ୍ତି।

# ଜୁନ୍‌ରେ ମୌସୁମୀ, ଏଯାଏ ସରୁନି ଡ୍ରେନ୍ ସଫା

ଭୁବନେଶ୍ୱର, ୧୪।୫ (ବ୍ୟୁରୋ)





ରାଜଧାନୀବାସୀଙ୍କ ପାଇଁ ଜଳବନ୍ଦୀ ସମସ୍ୟା ନୂଆ ନୁହେଁ। ଅସରାଏ ବର୍ଷା ହେଲେ ସ୍ମାର୍ଟସିଟି ଭୁବନେଶ୍ୱରର ରୂପ ସମ୍ପୂର୍ଣ୍ଣ ବଦଳିଯାଏ। କେଉଁଠି ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରୁହେ ତ ଆଉ କେଉଁଠି ରାସ୍ତାରେ ଜମିଥିବା ପାଣିରେ ଗାଡ଼ି ଫସିଯାଏ। ତେବେ ଚଳିତବର୍ଷ ଏପରି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ବିଏମ୍‌ସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସହରରେ ଥିବା ସମସ୍ତ ଡ୍ରେନ୍‌ର କାମ ସରିବ, ଯେମିତି ଜଳବନ୍ଦୀ ସମସ୍ୟା ଉପୁଜିବନି ବୋଲି କୁହାଯାଇଥିଲା। ଜୁନ୍ ମାସରେ ମୌସୁମୀ ଆସିବ ବୋଲି ପାଣିପାଗ ବିଭାଗ ଆକଳନ କରିସାରିଥିବାବେଳେ ଏପର୍ଯ୍ୟନ୍ତ ବିଏମ୍‌ସି ପକ୍ଷରୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ବିଏମ୍‌ସି ପକ୍ଷରୁ ସହରର ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଚଳିତ ବଜେଟ୍‌ରେ ସ୍ୱତନ୍ତ୍ର ବ୍ୟୟବରାଦ ହୋଇଛି। ସହରର ୧୩ଟି ଯାକ ମୁଖ୍ୟ ଡ୍ରେନ୍‌ର ପୁନରୁଦ୍ଧାର, ସମ୍ପ୍ରସାରଣ ଓ ମରାମତି ପାଇଁ ଜମିଅଧିଗ୍ରହଣ କରାଯିବ। ଡ୍ରେନ୍ ପାଇଁ ଜମି ଅଧିଗ୍ରହଣରେ ୪୦ କୋଟି ୨୩ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ନାଚୁରାଲ୍ ଡ୍ରେନ୍ ଓ ଓପନ୍‌ଡ୍ରେନ୍ ପାଇଁ ୪୫ କୋଟିର ବ୍ୟୟବରାଦ ହୋଇଛି। କିନ୍ତୁ ଜମି ଅଧିଗ୍ରହଣ ଦୂରର କଥା ଏପର୍ଯ୍ୟନ୍ତ ଡ୍ରେନ୍ ସଫେଇ ସରିନାହିଁ। ଜଳବନ୍ଦୀ ମୁକାବିଲା ପାଇଁ ମୌସୁମୀର ଅବ୍ୟବହିତ ପୂର୍ବରୁ ଏପ୍ରିଲରେ ପ୍ରାକ୍ ମୌସୁମୀ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ମେ' ଶେଷସୁଦ୍ଧା ସହରର ସମସ୍ତ ଡ୍ରେନ୍ ସଫା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ପୂରଣ ହେବାକୁ ହାତରେ ଆଉ ୧୫ଦିନ ରହିଥିବାବେଳେ ଏପର୍ଯ୍ୟନ୍ତ ସହରର ଅଧା ଡ୍ରେନ ମଧ୍ୟ ସଫା ହୋଇପାରି ନାହିଁ। ତେଣୁ ଏଥର ମଧ୍ୟ ବର୍ଷା ପାଣିରେ ରାଜଧାନୀବାସୀ ଅସ୍ତବ୍ୟସ୍ତ ହେବା ଏକପ୍ରକାର ନିଶ୍ଚିତ ହୋଇଛି।

ଜଳବନ୍ଦୀ ସମସ୍ୟା ପାଇଁ ଅନେକ ସମୟରେ ବିଏମ୍‌ସିକୁ ସମାଲୋଚନାର ଶୀକାର ହେବାକୁ ପଡିଛି। ବିଶେଷକରି ୨୦୨୧ରେ ବରମୁଣ୍ଡା ଅଞ୍ଚଳର ଜଣେ ଛାତ୍ର ସୌଭାଗ୍ୟ ନଗର ନିକଟରେ ଥିବା ଡ୍ରେନ୍‌ରେ ଭାସିଯାଇଥିଲେ। ପରଦିନ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ଘଟଣା ପରେ ବିଏମ୍‌ସିକୁ ସାଧାରଣ ଜନତା ଏବଂ ରାଜନୈତିକ ନେତୃବୃନ୍ଦଙ୍କ ପକ୍ଷରୁ ଟାର୍ଗେଟ କରାଯାଇଥିଲା। ଯାହାପରେ ସ୍ୱତନ୍ତ୍ର ବୈଠକ କରି ସହରରେ ଥିବା ୭୫ଟି ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଏହି ସବୁ ସ୍ଥାନରେ ଜମି ଅଧିଗ୍ରହଣ ହେବା ଲାଗି ମୋଟ ୧୪ ଏକର ଜାଗା ଚିହ୍ନଟ କରାଯାଇଥିଲା। ଏହାଦ୍ୱାରା ଭୁବନେଶ୍ୱରର ୧୦ଟି ପ୍ରମୁଖ ଏବଂ ୨ଟି ଶାଖା ଡ୍ରେନରେ ଜଳ ନିଷ୍କାସନ ପାଇଁ ବାଟ ଫିଟିଥାନ୍ତା। ମାତ୍ର ପ୍ରାୟ ୧ବର୍ଷ ବିତି ଯାଇଥିଲେ ବି ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଏହା କେବଳ ଗୋଟିଏ ଘଟଣା ନୁହେଁ। ସହରର ମୁକୁଳା ଡ୍ରେନ୍‌ରେ ପଡି ଅନେକ ସମୟରେ ଲୋକମାନେ ଆହତ ହେବା ସହ ଏକାଧିକ ଜୀବନ ମଧ୍ୟ ଯାଇଛି। ମାତ୍ର ତଥାପି ଚେତିପାରୁନି ବିଏମ୍‌ସି।

ଏ ସମ୍ପର୍କରେ ବିଏମ୍‌ସିର ଡ୍ରେନେଜ ବିଭାଗ ଅଧିକାରୀ କହିଛନ୍ତି, ଏଥର ବର୍ଷାରେ ପୁରୁଣା ପାଠର ପୁନରାବୃତ୍ତି ହେବ ନାହିଁ। ଡ୍ରେନ୍ ସଫେଇ କାମ ଚାଲିଛି। ମେ' ଶେଷ ସୁଦ୍ଧା ଗୋଟେ ରାଉଣ୍ଡ ସରିଯିବ। ଡ୍ରେନ ସଫା କରିବା ପରେ ଅଳିଆଗୁଡିକୁ ଦିନେ ଦୁଇଦିନ ମଧ୍ୟରେ ସେଠାରୁ ସ୍ଥାନାନ୍ତରଣ କରାଯାଉଛି। ଏହାପରେ ସ୍ଲାବ୍ ଏବଂ ଅନ୍ୟାନ୍ୟ କାମ ଚାଲିବ। ତେବେ ସପ୍ଟେମ୍ବର ସୁଦ୍ଧା ସମସ୍ତ କାମ ସରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସ୍ୱର୍ଣ୍ଣ ପଦକ ଜିତିଲେ କଟକର ସନ୍ତୋଷ

**ହିପ୍‌ହପ୍ ଡ୍ୟାନ୍ସ ଚାମ୍ପିୟନଶିପ୍**



**କଟକ ଅଫିସ,୧୪।୫:** ଚଳିତମାସ ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ହିପ୍‌ହପ୍ ଡ୍ୟାନ୍ସ ଚାମ୍ପିୟନଶିପ୍‌ରେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି କଟକ ସିଡିଏ ଅଞ୍ଚଳର ସନ୍ତୋଷ ପାତ୍ର। ବିଭିନ୍ନ ରାଜ୍ୟରୁ ଅନେକ ପ୍ରତିଯୋଗୀ ଆସିଥିଲେ ସୁଦ୍ଧା ସମସ୍ତଙ୍କୁ ପଛରେ ପକାଇ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପରେ ଦେଶ ପାଇଁ ଗୌରବ ଆଣିବା ଲକ୍ଷ୍ୟରେ ଆମେରିକାରେ ହେବାକୁ ଥିବା ଅନ୍ତର୍ଜାତୀୟ ହିପ୍‌ହପ୍ ଡ୍ୟାନ୍ସ ପ୍ରତିଯୋଗୀତା ନିମନ୍ତେ ସେ ପ୍ରସ୍ତୁତି ଜାରି ରଖିଛନ୍ତି। ଦେବେନ୍ଦ୍ର ପାତ୍ର ଓ ରେଣୁବାଳା ପାତ୍ରଙ୍କ ପୁଅ ହେଉଛନ୍ତି ସନ୍ତୋଷ। ପିଲାବେଳରୁ ନାଚ ପ୍ରତି ତାଙ୍କର ବେଶ୍ ଆଗ୍ରହ ଥିଲା। ଘର ଭିତରେ ଏକ ବଡ଼ ଦର୍ପଣ ଲଗାଇ ସେ ନିୟମିତ ଅଭ୍ୟାସ କରନ୍ତି। ଏହି ନୃତ୍ୟ ପାଇଁ ପରିବାର ଲୋକେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଏପରି କି ତାଙ୍କ ସଫଳତାକୁ ନେଇ ବେଶ୍ ଖୁସି ଅଛନ୍ତି। ଚଳିତମାସ ୪ ଓ ୬ ତାରିଖ ମୁମ୍ବାଇରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରପକ୍ଷେ ୨୨ରୁ ଊର୍ଦ୍ଧ୍ୱ ଛୋଟ ପିଲାଙ୍କୁ ସେ ନୃତ୍ୟ ଶିଖାଉଛନ୍ତି। ଭବିଷ୍ୟତରେ ଜଣେ ଭଲ କୋରିଓଗ୍ରାଫର ହେବାକୁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି।

### ସମସ୍ୟା ସମାଧାନ ପାଇଁ ଲାଗିଲା 'ଅଭିଯୋଗ ବାକ୍ସ'




**ଭୁବନେଶ୍ୱର, ୧୪।୫(ବ୍ୟୁରୋ) :** ନୟାପଲ୍ଲୀ ୩୭ ନଂ. ୱାର୍ଡରେ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସ୍ଥାନୀୟ କର୍ପୋରେଟର ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ୱାର୍ଡର ଇଉରେକା କ୍ଲବ୍ ନିକଟରେ ଅଭିଯୋଗ ବାକ୍ସର ସ୍ଥାପନ କରାଯାଇଛି। ସ୍ଥାନୀୟ ବାସିନ୍ଦା ନିଜର ମୌଳିକ ଅଧିକାର ଯଥା ଡ୍ରେନ୍, ଲାଇଟ, ସ୍ୱେରେଜ, ରାସ୍ତା, ପିଇବା ପାଣି ସମସ୍ୟାକୁ ଏହି ବାକ୍ସରେ ଲେଖି ପକାଇ ପାରିବେ। ବାକ୍ସକୁ ସପ୍ତାହରେ ଥରେ ଖୋଲାଯିବ ଓ ସଠିକ ତଥ୍ୟ ସମ୍ବଳିତ ଥିବା ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ ପାଇଁ ପ୍ରୟାସ କରାଯିବ। ପର୍ଯ୍ୟାୟକ୍ରମେ ଏହି ଅଭିଯୋଗ ବାକ୍ସ ଚିହ୍ନଟ ହୋଇଥିବା ୱାର୍ଡର ୧୮ ସ୍ଥାନରେ ଲଗାଯିବ। ଶନିବାର ଏହି ବାକ୍ସକୁ କର୍ପୋରେଟର ବନ୍ଦିତା ପାଲ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରିଛନ୍ତି। ଅଭିଯୋଗକୁ ଆଧାର କରି ଯଥା ସମ୍ଭବ ସମସ୍ୟାର ସମାଧାନ କରାଯିବ। ଆଗକୁ ଏଭଳି ଅନେକ ସେବା ଯୋଗାଇ ଦିଆଯିବ ବୋଲି ସମାଜସେବୀ ଅର୍ଜୁନ ବେହେରା କହିଛନ୍ତି।



ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ମା' ନାରାୟଣୀ ଦେବୀଙ୍କ ୨୭ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଶନିବାର ଅନୁଷ୍ଠିତ ଯଜ୍ଞ।

## ଦିବ୍ୟାଙ୍ଗଙ୍କ ସୁବିଧାସୁଯୋଗ ପାଇଁ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୪।୫ (ବ୍ୟୁରୋ)

ଦିବ୍ୟାଙ୍ଗଙ୍କ ସୁବିଧାସୁଯୋଗ ସମ୍ପର୍କିତ ଏକ କର୍ମଶାଳା ଶନିବାର ଜୟଦେବ ବିହାରସ୍ଥିତ ଲକ୍ଷ୍ମୀମନ୍ଦିର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଓ କଟକ ଜିଲାରୁ ପ୍ରାୟ ୨୮ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଭିଭାବକ ଏବଂ ୫ଜଣ ସାମ୍ବାଦିକ ଯୋଗଦେଇଥିଲେ। ଏଥିରେ ଦିବ୍ୟାଙ୍ଗ ଅଭିଭାବକ ସଂଘର ଆବଶ୍ୟକତା, ଦିବ୍ୟାଙ୍ଗଙ୍କ ସଫଳ କାହାଣୀ ଓ ଅଭିଭାବକଙ୍କ ଦାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା। ଆଇନା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଜୟଶଙ୍କର ପଣ୍ଡା ଅତିଥି ଭାବେ ଯୋଗଦେଇ ଅଭିଭାବକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ସଂଘର ଅଧିକାର ଓ ଆବଶ୍ୟକତାକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରାଯାଇଥିଲା। କମନ ୱେଲ୍‌ଥ ଫାଉଣ୍ଡେଶନ ଓ ସେନ୍ସ ଇଣ୍ଟରନ୍ୟାଶନାଲର ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବସନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## 'ଆ' ଆଜି ନଈକୁ ଯିବା' ଓ 'ମୁଗ୍ଧ ନୀରବତା' ଉନ୍ମୋଚିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ସାମ୍ବାଦିକ ତଥା ଲେଖକ ଅଜିତ କୁମାର ମହାନ୍ତିଙ୍କ କବିତା ପୁସ୍ତକ 'ଆ' ଆଜି ନଈକୁ ଯିବା' ଓ ସାହିତ୍ୟିକା ଶାନ୍ତି ମହାନ୍ତିଙ୍କ 'ମୁଗ୍ଧ ନୀରବତା' ଶନିବାର ଉନ୍ମୋଚିତ ହୋଇଯାଇଛି। ଖଣ୍ଡଗିରି ମାତୃବିହାରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ ଡ. ଶରତ ଚନ୍ଦ୍ର ରଥ, ଓଡିଶା ସରକାରଙ୍କ ପୂର୍ବତନ ଅତିରିକ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଥାକାର ତଥା ସାହିତ୍ୟିକ ଡ. ଅଜୟ ସ୍ୱାଇଁ, ଶ୍ରୀ ଅରବିନ୍ଦ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରବିନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦୁଇ କବିତା ପୁସ୍ତକକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଲେଖକ ଓ ଲେଖିକାଙ୍କ ସହ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ଓଡିଏମ୍‌ରେ 'ସମ୍ଭାର' ଉତ୍ସବ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଓଡିଏମ୍ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅନୁଷ୍ଠାନର ବିକାଶମୂଳକ କାର୍ଯ୍ୟରେ ଉତ୍ସର୍ଗୀକୃତ ଥିବା କର୍ମଚାରୀଙ୍କ ପାଇଁ ଶନିବାର ସ୍କୁଲ ପରିସରରେ 'ସମ୍ଭାର ଆଣ୍ଡ୍ ଷ୍ଟାର୍ ଆଚିଭର୍ସ ଲିଗ୍-୨୦୨୨' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଥିବା ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷଙ୍କ ସମେତ ନିର୍ଦ୍ଦେଶିକା ଇନ୍ଦୁମତି ରାୟ ଏବଂ ସିଓଓ ସ୍ୱୟମ୍ ସତ୍ୟେନ୍ଦୁ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ. ମୀନକେତନ ତାଙ୍କ ଅଭିଭାଷଣରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀଙ୍କ ତ୍ୟାଗ ଓ ପରିଶ୍ରମକୁ ସାଧୁବାଦ ଜଣାଇବା ସହିତ ଶିକ୍ଷା ହିଁ ଜୀବନର ମାନଦଣ୍ଡ ଏବଂ ବ୍ୟକ୍ତିତ୍ୱର ପରିଚାୟକ ବୋଲି କହିଥିଲେ। ଏଥିସହ ଏଭଳି ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡ୍ରେନ୍, ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୧୪।୫ (ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ୨୨ ନଂ. ୱାର୍ଡ ଶ୍ୟାମପୁର ଗ୍ରାମର ନାଳ ଓ ଭରତପୁର ଦୁର୍ଗାମାଧବ ନଗର ନୂତନ ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ପ୍ରାୟ ୫୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନାଳ, ୨୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ବିଏମ୍‌ସି ଅନ୍ତର୍ଗତ ୨ ନଂ. ୱାର୍ଡରେ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା କଳାରାହଙ୍ଗ ଗ୍ରାମର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ବିଧାୟକ ସୁଶାନ୍ତ ରାଉତ ଏବଂ ମେୟର ସୁଲୋଚନା ଦାସ ପ୍ରଭୁ ଜଳେଶ୍ୱରଙ୍କୁ ଦର୍ଶନ କରି ଜଳେଶ୍ୱର ପୋଖରୀ ଓ କଳାରାହଙ୍ଗ ଗ୍ରାମର ରାସ୍ତା, ନାଳ, ଆଲୋକୀକରଣ ଖେଳପଡିଆ, ପାର୍କ ଆଦିର ଉନ୍ନତୀକରଣ ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ ବରାଦରେ ବିକାଶ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ଜଳେଶ୍ୱର ପୋଖରୀକୁ ମଡେଲ ପୋଖରୀ କରିବାକୁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର, ପୂର୍ବତନ କର୍ପୋରେଟର ହରେକୃଷ୍ଣ ନାୟକ, ବରିଷ୍ଠ ନେତା ଆଲୋକ ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ବେହେରାଙ୍କ ସମେତ ଗ୍ରାମର ଲୋକେ ଏବଂ କର୍ପୋରେଟର ମୋନାଲିସା ବେହେରାଙ୍କ ସମେତ ବିଏମ୍‌ସିର ବରିଷ୍ଠ ଅଧିକାରୀ ପୁରନ୍ଦର ନନ୍ଦ, ଅରୁଣ ନାୟକ, ହୃଷୀକେଶ ସାହୁପ୍ରମୁଖ ଯୋଗଦେଇଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

## ବାଇକ୍ ଧକ୍କାରେ ବୃଦ୍ଧଙ୍କ ଜୀବନ ଗଲା

ପିପିଲି,୧୪।୫(ଡି.ଏନ୍.ଏ.)

ଭୁବନେଶ୍ୱର-ପୁରୀ ୩୧୬ନଂ. ଜାତୀୟ ରାଜପଥ ଗୁଡିଆପୋଖରୀ ଛକ ସାଇମନ୍ଦିର ନିକଟରେ ଶନିବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ଜୀବନ ଚାଲି ଯାଇଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଗୁଡିଆପୋଖରୀ ସିଉଳାର ତ୍ରିନାଥ ମଲ୍ଲିକ(୬୭)। ମିଳିଥିବା ସୂଚନା ମୁତାବକ, ତ୍ରିନାଥ ସାଇକେଲ ଯୋଗେ ସାଇମନ୍ଦିର ନିକଟରେ ଅପରାହ୍ନରେ ରାସ୍ତାପାର ହେଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତ୍ରିନାଥ ଛିଟିକି ତଳେ ପଡି ଗୁରୁତର ହୋଇଥିଲେ। ଖବର ପାଇ କୌଶଲାଗଙ୍ଗ ପାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ଜେନା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ତ୍ରିନାଥଙ୍କୁ ଉଦ୍ଧାର କରି ଭୁବନେଶ୍ୱର ମେଡିକାଲ ପଠାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସୂଚନାରୁ ଜଣାପଡ଼ିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ବାଇକ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି।

## ମାଟିତଳୁ ବାହାରିଲା ୫ଶହ ଲିଟର ଦେଶୀ ମଦ, ୫ ଗିରଫ

ଭୁବନେଶ୍ୱର,୧୪।୫(ବ୍ୟୁରୋ)



ରାଜଧାନୀ ଭୁବନେଶ୍ୱରରେ ବେଆଇନ ମଦ କାରବାର ବଢିଚାଲିଛି। ମାଫିଆମାନେ ଭିନ୍ନ ଭିନ୍ନ ପନ୍ଥା ଆପଣାଉଛନ୍ତି। ଅବକାରୀ ବିଭାଗକୁ ଭୁଆଁ ବୁଲାଇ ସେମାନେ ନୂଆ ଫର୍ମୁଲାକୁ ଆପଣାଇଛନ୍ତି । ନୟାପଲ୍ଲୀ ଥାନା ଅଧିନ ସାଲିଆ ସାହି,ନୟାଗଡ ସାହିରେ ଦେଶୀ ମଦ ମାଫିଆମାନେ ମାଟି ତଳେ ଦେଶୀ ମଦ ରଖି କାରବାର କରୁଥିବା ବେଳେ ଭୁବନେଶ୍ୱର ଅବକାରୀ ଓ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗର ମିଳିତ ଚଢାଉ କରି ମାଟି ତଳୁ ୫ ଶହରୁ ଅଧିକ ଲିଟର ମଦ ଜବତ କରିଛି। ଏଥିସହ ୫ ଦେଶୀ ମଦ ମାଫିଆଙ୍କୁ ଗିରଫ କରିଛି। ସେହିପରି ୮ ହଜାର ଲିଟର ପୋଚ ଜବତ କରି ନଷ୍ଟ କରାଯାଇଛି।

ସୂଚନାନୁଯାୟୀ ସାଲିଆସାହିରେ ଗଞ୍ଜେଇ, ବ୍ରାଉନସୁଗାର ଭଳି ଦେଶୀ ମଦ ବହୁବାର ଚଢାଉ କରି ଅବକାରୀ ବିଭାଗ ହେଉ ବା ପୋଲିସ ଜବତ କରିଥିବା ନଜର ରହିଛି। ଏହାସତ୍ତ୍ୱେ ବି ମଦ ମାଫିଆମାନେ ଭୟ ନକରି ନିଶାକାରବାର କରିଚାଲିଛନ୍ତି। ତେବେ ଉକ୍ତ ଅଞ୍ଚଳରେ ଦେଶୀ ମଦ ତିଆରି କରି ମାଟି ତଳେ ଲୁଚାଇ ରଖିଥିବା ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଓ ଗୋଇନ୍ଦା ବିଭାଗ ଚଢାଉ କରି ପ୍ରଚୁର ପରିମାଣର ମଦ ଜବତ କରିଛି ।

## ସାମୂହିକ କାର୍ଯ୍ୟ ଜାଗରଣ ସୃଷ୍ଟି କରେ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ନୟାପଲ୍ଲୀ ବ୍ରିଟ୍‌କଲୋନୀ ଡେଭେଲପମେଣ୍ଟ କମିଟି ପକ୍ଷରୁ ଶନିବାର ଏକ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କଲୋନୀର ଅନ୍ତେବାସୀ, ସ୍ଥାନୀୟ ୩୮ ନଂ ୱାର୍ଡର ନବନିର୍ବାଚିତ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ସାମାଜିକ କର୍ମୀ ସମରେନ୍ଦ୍ର ଜେନା, କମିଟି ସଭାପତି ଅନାଦି ସାହୁ, ସାଧାରଣ ସମ୍ପାଦକ ସତ୍ୟବ୍ରତ ସାହୁ, ଉପସଭାପତି ଅଭିମନ୍ୟୁ ମିଶ୍ର, ସଂଗଠନ ସମ୍ପାଦକ ନୀହାର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଫଳରେ କଲୋନୀରେ ସାମୂହିକ ସ୍ୱଚ୍ଛତା, ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ଜାଗରଣ ସୃଷ୍ଟି ହୋଇଥିଲା। କଲୋନୀର ଗଳିଗୁଡ଼ିକର ଅନୁଧାନ କରି ରାସ୍ତା ଓ ପରିବେଶକୁ ନିୟମିତ ସଫା ରଖିବା ପାଇଁ କର୍ପୋରେଟର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗକୁ ମଧ୍ୟ ଏହିଭଳି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କଲୋନୀର ସଭାପତି ସାହୁ କହିଛନ୍ତି।



କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା ଓ ଅନ୍ୟମାନେ ସଫେଇ କରୁଛନ୍ତି।

## ବଦଳିବ ୱାର୍ଡ଼ ନଂ.୩୪ ରାସ୍ତାର ଚିତ୍ର

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ଼ ନଂ.୩୪ ଅନ୍ତର୍ଗତ ବିଭିନ୍ନ ରାସ୍ତା ଅବହେଳିତ ହୋଇ ପଡିଥିବାବେଳେ ଡ୍ରେନେଜ ସମସ୍ୟା ଲାଗି ରହିଛି। ଏସବୁ ସମସ୍ୟା ଦୂର କରିବା ପାଇଁ ଶନିବାର ରାସ୍ତା ମରାମତି ତଥା ଡ୍ରେନେଜ ଆଦି କାର୍ଯ୍ୟପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡ଼େପୁଟି ମେୟର ମଞ୍ଜୁଲତା କହଁର ଓ ସ୍ଥାନୀୟ କର୍ପୋରେଟର ପୁଷ୍ପାଞ୍ଜଳୀ ସେଠୀ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରୋଜେକ୍ଟ ଅର୍ବାନ୍ ଇନ୍‌ଫ୍ରା ଅଧିନରେ ରାସ୍ତାର ବିକାଶ କରାଯିବ। ମୁକୁଳା ଡ୍ରେନ୍ ତଥା ନୂଆ କରି ନିର୍ମାଣ ହେବାକୁ ଥିବା ଡ୍ରେନରେ ସ୍ଲାବ୍ ପକାଯିବ। ଏନେଇ ୩୪ଲକ୍ଷ ୫୦ହଜାର ୯୪୮ ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

## ମହାପ୍ରଭୁଙ୍କ ଲୀଳା ପ୍ରଚାର କଲେ ଅଣଓଡ଼ିଆ କଳାକାର

ଭୁବନେଶ୍ୱର,୧୪।୫ (ବ୍ୟୁରୋ)

**ହିନ୍ଦୀ ନାଟକ 'ଭଗବାନ ଜଗନ୍ନାଥ' ମଞ୍ଚସ୍ଥ**

ଜଗତର ନାଥ ଜଗନ୍ନାଥ ବିଶ୍ୱ ବିଦିତ। ବିଶ୍ୱବାସୀ ହେଉଛନ୍ତି ତାଙ୍କ ଭକ୍ତ। ତାଙ୍କ ଲୀଳା ସବୁଠୁ ରହସ୍ୟ। ନାଟକ ମାଧ୍ୟମରେ ମହାପ୍ରଭୁଙ୍କ ଏହି ଲୀଳାଖେଳା ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ଆରମ୍ଭ କରିଛନ୍ତି ଅଣଓଡ଼ିଆ କଳାକାର। ମୁମ୍ବାଇର ବନ୍ଦିରା ଟ୍ରି ଥିଏଟର ଗ୍ରୁପ୍ ପକ୍ଷରୁ ଶନିବାର ଭଞ୍ଜକଳା ମଣ୍ଡପରେ ହିନ୍ଦୀ ନାଟକ 'ଭଗବାନ ଜଗନ୍ନାଥ' ପରିବେଷିତ ହୋଇଥିଲା। ବିଭିନ୍ନ ରାଜ୍ୟର କଳାକାରମାନେ ଏଥିରେ ବିଭିନ୍ନ ଭୂମିକାରେ ନଜରକୁ ଆସିଥିଲେ। ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶଠାରୁ ଆରମ୍ଭ କରି ମହୋଦଧିରେ ଦାରୁ ଲାଗିବା, ଶ୍ରୀବିଗ୍ରହ ପ୍ରତିଷ୍ଠା, ରଥ ତିଆରି, ରଥଯାତ୍ରା, ପୂଜାନୀତି ଆଦିକୁ ନେଇ ଏହି ନାଟ୍ୟ କଳାକାରମାନେ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନରେ ଭାବାବେଗ ସୃଷ୍ଟି କରିଥିଲେ। ନାଟକର ନିର୍ଦ୍ଦେଶକ ଧନଞ୍ଜୟ ସିଂ ମୁଖ୍ୟ ଚରିତ୍ର ଇନ୍ଦ୍ରଦ୍ୟୁମ୍ନ ହୋଇଥିଲେ। ଏ ସମ୍ପର୍କରେ ସେ କୁହନ୍ତି, ୭ବର୍ଷ ତଳୁ ଏପରି ନାଟକର ଆୟୋଜନ ପାଇଁ ଉଦ୍ୟମ କରିଥିଲେ ହେଁ ଏବେ ଏହା ସଫଳ ହୋଇଛି। ଆଗକୁ ଛୋଟରୁ ଛୋଟ ସ୍ଥାନରେ ଏହି ନାଟକ ପରିବେଷଣ କରାଯାଇ ମହାପ୍ରଭୁ ଭଗବାନ ଶ୍ରୀଜଗନ୍ନାଥଙ୍କର ପ୍ରଚାର ପ୍ରସାର କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ପ୍ରଶାସନିକ ଅଧିକାରୀ ଅରୂପ ପଟ୍ଟନାୟକ, ଆଇସିସିଆରର ନିର୍ଦ୍ଦେଶିକା ମୀନାକ୍ଷୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ନାଟକ ରବୀନ୍ଦ୍ର ମଣ୍ଡପରେ ୪/୫ ଦିନ ଧରି ପରିବେଷଣ ଲାଗି ସହଯୋଗ କରିବେ ସଚିବ ପାଢ଼ୀ ବୋଲି ପ୍ରତିଶ୍ରୁତି ଦେଇଥିଲେ।



**ସଂକ୍ଷେପରେ**

## ଘରେ ପଶି ଚୋରି ଘଟଣା, ଯୁବକ ଗିରଫ



**ଖୋର୍ଦ୍ଧା ଅଫିସ,୧୪।୫ :** ଖୋର୍ଦ୍ଧା ହଳଦିଆସ୍ଥିତ ଜଣଙ୍କ ଘରେ ପଶି ଲାପ୍‌ଟପ୍ ଏବଂ ମୋବାଇଲ ଫୋନ ଚୋରି ଘଟଣାରେ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ହାଟସାହିର ଆକାଶ ପ୍ରଧାନ(୨୨)। ଏଥିସହ ତାଙ୍କ ନିକଟରୁ ଚୋରିସାମଗ୍ରୀ ଜବତ ହୋଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ସୂଚନାଥାଉ କି, ଗତ ୧୧ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ଚୋରି ଉଦ୍ଦେଶ୍ୟରେ ହଳଦିଆସ୍ଥିତ ଶରତ ଚନ୍ଦ୍ର ସ୍ୱାଇଁଙ୍କ ଘରେ ପଶିଥିଲେ। ଏକ ଲାପ୍‌ଟପ୍ ଏବଂ ମୋବାଇଲ ଫୋନ୍ ନେଇ ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ ଶରତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୨୨/୧୨)ରୁଜୁକରି ତଦନ୍ତ ଚଳାଇଥିଲା।

## ମା' ଡାକରେ ରହିଛି ଆତ୍ମୀୟତା

**ଖୋର୍ଦ୍ଧା ଅଫିସ,୧୪।୫:** ବୋଲଗଡ଼ ବ୍ଲକ ଧଳାପଥର ଗ୍ରାମରେ ନୟନଲତା ସ୍ମୃତି ପରିଷଦ ଆନୁକୂଲ୍ୟରେ ନୟନଲତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ସ୍ଥାନୀୟ ସୋର୍ଡ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, ମା' ମମତାର ତୁଳନା ନାହିଁ। ଶିଶୁଟିଏ ଜନ୍ମଲାଭ କରିବା ପରେ ମା' ହାତ ଧରି ଚାଲିବା, କଥା କହିବା ଶିଖିଥାଏ। ମା' ଡାକ ପଛରେ ବାତ୍ସଲ୍ୟତା, ମାତୃତ୍ୱ, ସ୍ନେହ, ଶ୍ରଦ୍ଧାର ଭାବ ଏବଂ ଆତ୍ମୀୟତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଶାସକ ଦେବରାଜ ସେନାପତି ମୁଖ୍ୟ ଅତିଥି, ଇଂ. ଅକ୍ଷୟ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ପୃଥ୍ୱିବଲ୍ଲଭ ପଟ୍ଟନାୟକ, ବେଗୁନିଆ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀଧର ସୁବୁଦ୍ଧି, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସାମାଜିକ କର୍ମୀ ବିଶ୍ୱରଞ୍ଜନ ମହାନ୍ତି, ଶିଶିର ପରିଡା, ସଞ୍ଜୟ ପଟ୍ଟନାୟକ, ପ୍ରକାଶ ରଣବିଜୁଳି, ଶୁଭାଂଶୁ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କ୍ଷୁଦ୍ର ସ୍ମରଣିକା ଶ୍ରଦ୍ଧାଞ୍ଜଳିର ଲୋକାର୍ପଣ ହୋଇଥିଲା। ଅଖିଳେଶ ମହାପାତ୍ର ଅତିଥି ପରିଚୟ, ଯୁବ ସଙ୍ଗଠକ ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମାନସ ଓ ରମେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସକାଳ ୬ଟାରେ ସ୍ଥାନୀୟ ମନ୍ଦିରରେ ପୂଜାର୍ଚ୍ଚନା, ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ, ଧଳାପଥର ପଞ୍ଚାୟତ କାର୍ଯ୍ୟାଳୟରେ ରକ୍ତଦାନ ଶିବିର, ଚାରା ରୋପଣ, ଏବଂ ସ୍ୱଗୃହ ପରିସରରେ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ

**ପୁରୀ ଅଫିସ,୧୪।୫:** ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀ ଶନିବାର ଅବସରରେ ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରର ନୀତି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କର ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଯାତ ଭୋଗ ସରିଥିଲା। ପରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନଯାତ୍ରା ନିମନ୍ତେ ଚନ୍ଦନ ଚକଡ଼ାକୁ ବିଜେ କରିଥିଲେ। ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଜଳ କ୍ରୀଡ଼ା ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଏହାପରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହି, ସୁଭାଷ ବୋଷ ଛକ ଦେଇ ଚକ୍ରତୀର୍ଥ ରୋଡ୍‌ସ୍ଥିତ ନୃସିଂହ ମନ୍ଦିରକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀନୃସିଂହ ଦେବଙ୍କୁ ଲାଗି କରାଯିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚଉପଚାରେ ଭୋଗ କରିଥିଲେ। ପରେ ସେବାୟତମାନେ ନୀତି ସାରି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢ଼ିଥିଲା। ପରେ ତିନିବାଡ଼ରେ ଠାକୁରଙ୍କୁ ପଞ୍ଚାମୃତ ମହାସ୍ନାନ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଠାକୁର ନୂଆ ଲୁଗା ଲାଗିହୋଇ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇଥିଲେ। ପରେ ବିଭିନ୍ନ ନୀତି ସହ ଭୋଗ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଜୁନ୍‌ରେ ମୌସୁମୀ, ସରୁନି ଡ୍ରେନ୍ ସଫେଇ

**ଭୁବନେଶ୍ୱର, ୧୪।୫ (ବ୍ୟୁରୋ)**

- ସହରର ୧୩ ମୁଖ୍ୟ ଡ୍ରେନ୍‌ର ପୁନରୁଦ୍ଧାର ପାଇଁ ହେବ ଜମି ଅଧିଗ୍ରହଣ
- ସେପ୍ଟେମ୍ବର ସୁଦ୍ଧା ସମସ୍ତ କାମ ସରିବ

ରାଜଧାନୀବାସୀଙ୍କ ପାଇଁ ଜଳବନ୍ଦୀ ସମସ୍ୟା ନୂଆ ନୁହେଁ। ଅସରାଏ ବର୍ଷା ହେଲେ ସ୍ମାର୍ଟ ସିଟି ଭୁବନେଶ୍ୱରର ରୂପ ପୁରାପୁରି ବଦଳିଯାଏ। କେଉଁଠି ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରୁହେ ତ ଆଉ କେଉଁଠି ରାସ୍ତାରେ ଜମିଥିବା ପାଣିରେ ଗାଡ଼ି ଫସିଯାଏ। ଚଳିତ ବର୍ଷ ଏପରି ପରିସ୍ଥିତି ସୃଷ୍ଟି ହେବନାହିଁ ବୋଲି ବିଏମ୍‌ସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଜୁନ୍ ମାସରେ ମୌସୁମୀ ଆସିବ ବୋଲି ପାଣିପାଗ ବିଭାଗ ଆକଳନ କରିସାରିଥିବାବେଳେ ଏ ପର୍ଯ୍ୟନ୍ତ ବିଏମ୍‌ସି ପକ୍ଷରୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ବିଏମ୍‌ସି ପକ୍ଷରୁ ସହରର ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଚଳିତ ବଜେଟ୍‌ରେ ସ୍ୱତନ୍ତ୍ର ବ୍ୟୟ ବରାଦ ହୋଇଛି। ସହରର ୧୩ଟି ମୁଖ୍ୟ ଡ୍ରେନ୍‌ର ପୁନରୁଦ୍ଧାର, ସମ୍ପ୍ରସାରଣ ଓ ମରାମତି ପାଇଁ ଜମିଅଧିଗ୍ରହଣ କରାଯିବ। ଡ୍ରେନ୍ ପାଇଁ ଜମି ଅଧିଗ୍ରହଣରେ ୪୦ କୋଟି ୨୩ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ନାଚୁରାଲ୍ ଡ୍ରେନ୍ ଓ ଓପନ୍‌ଡ୍ରେନ୍ ପାଇଁ ୪୫ କୋଟିର ବ୍ୟୟବରାଦ ହୋଇଛି। କିନ୍ତୁ ଜମି ଅଧିଗ୍ରହଣ ଦୂରର କଥା ଡ୍ରେନ୍ ସଫେଇ ମଧ୍ୟ ସରିନାହିଁ। ଜଳବନ୍ଦୀ ମୁକାବିଲା ପାଇଁ ମୌସୁମୀର ଅବ୍ୟବହିତ ପୂର୍ବରୁ ଏପ୍ରିଲରେ ପ୍ରାକ୍ ମୌସୁମୀ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ମେ' ଶେଷ ସୁଦ୍ଧା ସହରର ସମସ୍ତ ଡ୍ରେନ୍ ସଫା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଆଉ ୧୫ଦିନ ରହିଥିବା ବେଳେ ଏପର୍ଯ୍ୟନ୍ତ ସହରର ବହୁ ଡ୍ରେନ ସଫା ହୋଇ ପାରିନାହିଁ। ତେଣୁ ଏଥର ମଧ୍ୟ ବର୍ଷା ପାଣିରେ ରାଜଧାନୀବାସୀ ଅସ୍ତବ୍ୟସ୍ତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।

ଜଳବନ୍ଦୀ ସମସ୍ୟା ପାଇଁ ଅନେକ ସମୟରେ ବିଏମ୍‌ସିକୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷକରି ୨୦୨୧ରେ ବରମୁଣ୍ଡା ଅଞ୍ଚଳର ଜଣେ ଛାତ୍ର ସୌଭାଗ୍ୟ ନଗର ନିକଟରେ ଥିବା ଡ୍ରେନ୍‌ରେ ଭାସିଯାଇଥିଲେ। ପରଦିନ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହାପରେ ବିଏମସି ପକ୍ଷରୁ ସହରରେ ଥିବା ୭୫ଟି ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଏହି ସବୁ ସ୍ଥାନରେ ଜମି ଅଧିଗ୍ରହଣ ହେବା ଲାଗି ମୋଟ ୧୪ ଏକର ଜାଗା ଚିହ୍ନଟ କରାଯାଇଥିଲା। ଏହା ଦ୍ୱାରା ଭୁବନେଶ୍ୱରର ୧୦ ଟି ପ୍ରମୁଖ ଏବଂ ୨ଟି ଶାଖା ଡ୍ରେନରେ ଜଳ ନିଷ୍କାସନ ପାଇଁ ବାଟ ଫିଟିଥାନ୍ତା। ମାତ୍ର ୧ବର୍ଷ ବିତି ଯାଇଥିଲେ ବି ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏହା କେବଳ ଗୋଟିଏ ଘଟଣା ନୁହେଁ। ସହରର ମୁକୁଳା ଡ୍ରେନ୍‌ରେ ପଡି ଅନେକ ସମୟରେ ଲୋକମାନେ ଆହତ ହେବା ସହ ଏକାଧିକ ଜୀବନ ଯାଇଛି। ତଥାପି ଚେତୁନି ବିଏମ୍‌ସି। ଏ ସମ୍ପର୍କରେ ବିଏମ୍‌ସିର ଡ୍ରେନେଜ ବିଭାଗ ଅଧିକାରୀ କହିଛନ୍ତି, ଏଥର ବର୍ଷାରେ ପୁନରାବୃତ୍ତି ହେବ ନାହିଁ। ଡ୍ରେନ୍ ସଫେଇ କାମ ଚାଲିଛି। ମେ' ଶେଷ ସୁଦ୍ଧା ଗୋଟେ ରାଉଣ୍ଡ ସରିଯିବ। ଡ୍ରେନ ସଫା ପରେ ଅଳିଆଗୁଡିକୁ ଦିନେ ଦୁଇଦିନ ମଧ୍ୟରେ ସ୍ଥାନାନ୍ତର କରାଯାଉଛି। ସପ୍ଟେମ୍ବର ସୁଦ୍ଧା ସମସ୍ତ କାମ ସରିବ ବୋଲି ସେ କହିଛନ୍ତି।

## ଏମ୍‌ପିଙ୍କ ନିର୍ଦ୍ଦେଶ ପରେ ବି ହେଉନି ଆପ୍ରୋଚ୍ ରୋଡ୍ କାର୍ଯ୍ୟ



ଆପ୍ରୋଚ୍ ରୋଡ୍‌ରେ ହୋଇଥିବା ଖାଲଖମା।

**ଜଟଣୀ,୧୪।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ସହରର ସୀତାରାମ ଛକ ଆନ୍ଧ୍ର ବ୍ୟାଙ୍କଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଓଭରବ୍ରିଜ୍ କାର୍ଯ୍ୟ ୨୦୧୫ ମସିହାରେ ଆରମ୍ଭ ହୋଇଛି। ଇତିମଧ୍ୟରେ ଏହି ନିର୍ମାଣ କାର୍ଯ୍ୟକୁ ପ୍ରାୟ ୭ ବର୍ଷ ପୂରିବାକୁ ବସିଥିବା ବେଳେ କାର୍ଯ୍ୟ ଶେଷ ହୋଇନାହିଁ। ଗତ ଏପ୍ରିଲ ୨୮ରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉକ୍ତ ଓଭରବ୍ରିଜ୍ ସ୍ଥଳ ପରିଦର୍ଶନ କରିଥିଲେ। ଆସନ୍ତା ନଭେମ୍ବରରେ ଏହି ଓଭରବ୍ରିଜ୍‌ରେ ଜନସାଧାରଣ ଚଳାଚଳ କରିବା ସହିତ ମେ' ୭ ସୁଦ୍ଧା ବ୍ରିଜ୍‌ର ଉଭୟ ପାର୍ଶ୍ୱ ଆପ୍ରୋଚ୍ ରୋଡର ପିଚୁ କାର୍ଯ୍ୟ ଶେଷ ହେବା ନେଇ ପ୍ରତିଶ୍ରୁତି ଦେବା ସହ ଖୋର୍ଦ୍ଧା ଆର୍‌ଆଣ୍ଡବି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏମ୍‌ପି ଷଡ଼ଙ୍ଗୀଙ୍କ ପ୍ରତିଶ୍ରୁତି ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ପରେ ବି ଆପ୍ରୋଚ ରୋଡ୍‌ର ପିଚୁ କାର୍ଯ୍ୟ ହୋଇପାରିଲାନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଓଭରବ୍ରିଜ୍ କାର୍ଯ୍ୟ ସହ ଆପ୍ରୋଚ୍ ରୋଡ୍‌ର ପିଚୁ କାର୍ଯ୍ୟ ଶେଷ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।



ନୟନଲତା ସ୍ମୃତି ପରିଷଦ ଆନୁକୂଲ୍ୟରେ ଶନିବାର ବୋଲଗଡ଼ ବ୍ଲକ ଧଳାପଥର ଗ୍ରାମରେ ନୟନଲତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅତିଥିମାନେ ସ୍ମରଣିକା 'ଶ୍ରଦ୍ଧାଞ୍ଜଳି' ଉନ୍ମୋଚନ କରୁଛନ୍ତି।

## ଦୁର୍ବୃତ୍ତଙ୍କ ପତ୍ତା ପାଉନି ପୋଲିସ
### ଖବରଦାତାଙ୍କୁ ମାଡ଼ ଘଟଣା

**ବାଣପୁର, ୧୪।୫(ଡି.ଏନ୍.ଏ.)**

ବାଣପୁର ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଗଣ୍ଡଗୋଳ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏପରି କି ବଜାର ଯିବାକୁ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ଗତ ବୁଧବାର କୌଣସି କାରଣ ନେଇ କେତେଜଣ ଦୁର୍ବୃତ୍ତ ଖବରଦାତା ସୁଜ୍ଞାନ୍ତ କୁମାର ତ୍ରିପାଠୀଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଘଟଣାକୁ ୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତଙ୍କ ପତ୍ତା ପାଇପାରିନାହିଁ। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଦାବି ହେଉଛି। ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ଯୁବକ ବିଭିନ୍ନ ଛକରେ ଆଡ୍ଡା ଜମାଇବା ସହ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଏନେଇ ଅଭିଭାବକମାନେ ଅଭିଯୋଗ କଲେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଚେତାବନୀ ଦେଇ ଛାଡ଼ି ଦେଉଥିବା ଜଣାପଡ଼ିଛି। ବୁଧବାର ରାତିରେ କେତେଜଣ ଅସାମାଜିକ ଯୁବକ ରଘୁନାଥ ସାହିରେ ଥିବା କମ୍ପ୍ୟୁଟର ଦୋକାନରେ ପଶି ଭଙ୍ଗାରୁଜା କରିବା ସହ ଖବରଦାତା ତ୍ରିପାଠୀଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ଦୁଇଜଣ ଖବରଦାତା ପହଞ୍ଚି ତ୍ରିପାଠୀଙ୍କୁ ଉଦ୍ଧାର କରିଥିଲେ। ପାଟିତୁଣ୍ଡ ଶୁଣି ଲୋକେ ଜମାହେବା ପୂର୍ବରୁ ଦୁର୍ବୃତ୍ତମାନେ ଆଣିଥିବା ବାଇକ୍ ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ସୁଜ୍ଞାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ପହଞ୍ଚି ବାଇକ୍ ଜବତ କରି ତଦନ୍ତ ଚଳାଇଛି। ଚିଲିକା ରୋପୋର୍ଟର୍ସ ଏବଂ ଚିଲିକା ପ୍ରେସ୍ କ୍ଲବ୍ ପକ୍ଷରୁ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି।

# ୯୭.୩୭ ଲକ୍ଷ ଟଙ୍କା ଜରିମାନା ଆଦାୟ

**ରାଷ୍ଟ୍ରୀୟ ଲୋକ ଅଦାଲତ**

**ଖୋର୍ଦ୍ଧା ଅଫିସ,୧୪।୫**

ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ) ତଥା ତାଲୁକା ଆଇନ ସେବା କମିଟି ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ସୂର୍ଯ୍ୟ ପ୍ରକାଶ କର, ଦ୍ୱିତୀୟ ଏଡିଜେ ନରେଶ ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହରପ୍ରସାଦ ପାଢ଼ୀ, ବରିଷ୍ଠ ଦେୱାନି ବିଚାରପତି ଚିନ୍ମୟୀ ରଥ, ଏସ୍‌ଡିଜେଏମ ସୌଦାମିନୀ ସିଂ, କନିଷ୍ଠ ଦେୱାନି ବିଚାରପତି ଜଗଦୀଶ ଚନ୍ଦ୍ର ଜେନା, ଜେଏମ୍‌ଏଫ୍‌ସି ସ୍ନାତକୀ ଦାସ, ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ସମ୍ପାଦକ ପ୍ରଦୀପ ମିଶ୍ର ଉପସ୍ଥିତ ଥିଲେ। ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ତ୍ତୃପକ୍ଷମାନେ ଯୋଗଦେଇଥିଲେ। ଏହି ଲୋକ ଅଦାଲତରେ ୬୨୪ ମାମଲା ମଧ୍ୟରୁ ୨୫୧ଟି ମାମଲାର ଦ୍ରୁତ ଫଏସଲା କରାଯାଇ ଏ ବାବଦକୁ ୯୭ ଲକ୍ଷ ୩୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଭିକେଏସ୍ ପକ୍ଷରୁ ବୈଠକ

**ଖୋର୍ଦ୍ଧା ଅଫିସ,୧୪।୫**

ଭାରତୀୟ କିଶାନ ସଂଘ ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏକ ସାଧାରଣ ସଭା ସ୍ଥାନୀୟ ଚନ୍ଦ୍ରଶେଖର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କୁ କୃଷି ଉତ୍ପାଦକ ଗୋଷ୍ଠୀ ଗଠନ ନେଇ ଆଲୋଚନା ହୋଇଥିଲା। ଏଥିରେ ଜିଲାର ଖୋର୍ଦ୍ଧା, ଜଟଣୀ, ଟାଙ୍ଗୀ, ବେଗୁନିଆ ଓ ବୋଲଗଡ଼ ବ୍ଲକର ପ୍ରାୟ ୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରତିନିଧି ଯୋଗଦେଇଥିଲେ। ଏକ ଘରୋଇ କମ୍ପାନୀ ସହାୟତାରେ ଏହି ଉତ୍ପାଦକ ସଙ୍ଗଠନ କରାଯିବ। ପ୍ରତି ବ୍ଲକର କେତେକ ଏସ୍‌ଏଚ୍‌ଜିଙ୍କୁ ନେଇ କ୍ଲଷ୍ଟର ଗଠନ କରାଯିବ। ପରବର୍ତ୍ତୀ ସମୟରେ କ୍ଲଷ୍ଟରସ୍ତରରେ ଏନେଇ ବୈଠକ ଆୟୋଜନ କରାଯାଇ ଆଗାମୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହି ସଭାରେ ଭାରତୀୟ କିଶାନ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ, ସମ୍ପାଦକ ଗଗନ ବିହାରୀ ପ୍ରତିହାରୀ, ପୁରୀ ଜିଲା ସଂଯୋଜକ ମଧୁସୂଦନ ଦାସ, ବୈକୁଣ୍ଠ ନାଥ ମହାପାତ୍ର, ମିହିର ବିଧାର, ଖୋର୍ଦ୍ଧା ଜିଲା ସମ୍ପାଦକ ଅକ୍ଷୟ କୁମାର ଦାଶ, ସ୍ୱରୂପ ନାୟକ, ଜିଲା ସଂଯୋଜକ ନିଲୁ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃଷି ଉତ୍ପାଦକ ଗୋଷ୍ଠୀ ଗଠନର ଉଦ୍ଦେଶ୍ୟ ଏବଂ ଆତ୍ମନିର୍ଭର ଭାରତ, ସ୍ୱରୋଜଗାର ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭାଙ୍ଗୀ ପାଲ୍‌ଟାସିଂ, ସୁବାସିନୀ ତାଡ଼, ସରୋଜିନୀ ସାହୁ, ସଙ୍ଗୀତା ପଟ୍ଟନାୟକ, ସରସ୍ୱତୀ ସାହୁ, ସୁବାସିନୀ ପାଲ୍‌ଟାସିଂଙ୍କ ସମେତ ବହୁ ନାରୀନେତ୍ରୀ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଅନ୍ୟମାନେ।

# ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

**ନିରାକାରପୁର,୧୪।୫(ଡି.ଏନ୍.ଏ.)**

**ହତ୍ୟା ଅଭିଯୋଗ ଆଣିଲେ ଭାଇ**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ରାମବଜାର ଅଞ୍ଚଳରୁ ଶନିବାର ପୋଲିସ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ କଲ୍ୟାଣୀ ମିଶ୍ର ଓରଫ ପୂଜା(୨୭)। ଅନ୍ୟପଟେ ଯୌତୁକ ପାଇଁ ପୂଜାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ କୀର୍ତ୍ତିରଞ୍ଜନ ମିଶ୍ର ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୯୮/୨୨) ରୁଜୁ ହୋଇଛି। ଏହି ଘଟଣାରେ ୪ ଜଣଙ୍କୁ ଅଟକ ରଖାଯାଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

ସୂଚନା ମୁତାବକ, ରାମବଜାର ଅଞ୍ଚଳର ଅସିତ୍ କର ଗତ ମାର୍ଚ୍ଚ ୪ ତାରିଖରେ ପୁରୀ ଜିଲା ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ଗ୍ରାମର ପୂଜାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଅସିତ୍ ଭାରତୀୟ ନୌସେନାରେ କାର୍ଯ୍ୟରତ ଥିବାରୁ ଛୁଟି ସରିଯିବା ପରେ କାର୍ଯ୍ୟରେ ଯୋଗଦେଇଥିଲେ। ଏହାପରେ ବାପଘରୁ ଏକ କାର୍ ଆଣିବାକୁ ପୂଜାଙ୍କୁ ଶାଶୁଘର ଲୋକେ କହିଥିଲେ। ଏଥିରେ ପୂଜା ଅରାଜି ହେବାରୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ଅସିତ୍‌ଙ୍କ ଭାଇ ଆଶିଷ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ପୂଜାଙ୍କ ଦେହ ଖରାପ ଥିବା ନେଇ କୀର୍ତ୍ତିରଞ୍ଜନଙ୍କୁ ଜଣାଇଥିଲେ। ଖବର ପାଇ ସେ ପହଞ୍ଚିବା ପରେ ପୂଜାଙ୍କ ଘରର କବାଟ ଦିଆଯାଇଥିବା ଦେଖିବାକୁ ପାଇଥିଲେ। କବାଟ ବାଡ଼େଇ ଥିଲେ ମଧ୍ୟ ପୂଜା ଖୋଲି ନ ଥିଲେ। ପୋଲିସ ଓ ଟାଙ୍ଗୀ ତହସିଲଦାର ପହଞ୍ଚିବା ପରେ ମଧ୍ୟାହ୍ନ ୧ଟା ୩୦ରେ କବାଟ ଭଙ୍ଗା ହେବା ପରେ ପୂଜା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ କୀର୍ତ୍ତିରଞ୍ଜନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଶାଶୁ, ଶ୍ୱଶୁର, ଦେଢ଼ଶ୍ୱଶୁର, ଯାଆଙ୍କୁ ଅଟକ ରଖିଥିବା ବେଳେ ମୃତାଙ୍କ ମୋବାଇଲ ଫୋନ୍ ଜବତ କରି ତଦନ୍ତ ଚଳାଇଛି।

# ଭାଇଚାରା ସମ୍ପର୍କକୁ ଦୃଢ଼ୀଭୂତ କରୁଛି ନାଟକ

**ବୋଲଗଡ଼,୧୪।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ପିଚୁକୁଳିଠାରେ ଚତୁର୍ଥ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପବିତ୍ର ମୋହନ ମାଝୀ ଯୋଗଦେଇ ନାଟକ ଭାଇଚାରା ଓ ବନ୍ଧୁତ୍ୱର ନିଆରା ମାଧ୍ୟମ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଖବରଦାତା ମନୋରଞ୍ଜନ ମିଶ୍ର ଯୋଗଦେଇ ସମାଜର ଅର୍ଥନୀତି ଓ ସଂସ୍କୃତିକୁ ଯୋଡ଼ିବାର ପ୍ରୟାସ କରୁଛି ନାଟକ' ବୋଲି କହିଥିଲେ। ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ଏହାର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଲିଙ୍ଗରାଜ ପ୍ରଧାନ, ସମିତିସଭ୍ୟ ସଞ୍ଜୟ କୁମାର ଗୁମାନ୍‌ସିଂହ, ଖବରଦାତା ଦୀପକ ପାହାଡ଼ସିଂହ, ବାଙ୍କୋଇଦେଶ ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା ଉପସ୍ଥିତ ଥିଲେ। ପବିତ୍ର ଚୌଧୁରୀ, ଅଶୋକ ସାହୁ, ରାମଚନ୍ଦ୍ର ପରିଡ଼ା, ରତିକାନ୍ତ ରାଉତରାୟ, ବଟକୃଷ୍ଣ ବରାଡ଼, ବସନ୍ତ ମାଝୀ ପ୍ରମୁଖ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଖଉରୁଣୀ ଯୁବନାଟ୍ୟ ସଂସଦ ଦ୍ୱାରା ବିଚାରକ ମଣ୍ଡଳୀଙ୍କ ଉପସ୍ଥିତିରେ 'ତୋ ନାଁରେ ମୋ ନାଁ ଦେଇଛି ଯୋଡ଼ି' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ମହୋତ୍ସବ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ନାଟକ ମହୋତ୍ସବରେ ସମ୍ବର୍ଦ୍ଧିତ ଅତିଥି ଏବଂ ପ୍ରତିଭାଧାରୀ।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ପିପିଲି,୧୪।୫(ଡି.ଏନ୍.ଏ.)**

ଭୁବନେଶ୍ୱର-ପୁରୀ ୩୧୬ନଂ. ଜାତୀୟ ରାଜପଥ ଗୁଡିଆପୋଖରୀ ଛକ ସାଇମନ୍ଦିର ନିକଟରେ ଶନିବାର ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ପିପିଲି ଥାନା ଗୁଡିଆପୋଖରୀ ସିଉଳାର ତ୍ରିନାଥ ମଲ୍ଲିକ(୬୭)। ସୂଚନା ମୁତାବକ, ତ୍ରିନାଥ ଅପରାହ୍ନରେ ସାଇକେଲରେ ସାଇମନ୍ଦିର ନିକଟରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା।

# କ୍ରିକେଟ: ସ୍କାଏ-୧୧ ବିଜୟୀ



**ଜଟଣୀ,୧୪।୫(ଡି.ଏନ୍.ଏ.)**

ଜଟଣୀ ବ୍ଲକ ତିରିମଲ ଏବଂ ବେଣାପଞ୍ଜୁରୀ ପଞ୍ଚାୟତରେ ମିଳିତ ଭାବେ ଅନୁଷ୍ଠିତ ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସରେ ସ୍କାଏ-୧୧ ବିଜୟୀ ହୋଇଛି। ପଞ୍ଚାୟତ ଖେଳପଡ଼ିଆରେ ଶନିବାର କଳିଙ୍ଗ ଫାଇଟର ଓ ସ୍କାଏ-୧୧ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କଳିଙ୍ଗ ଫାଇଟର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୧୮ ରନ୍ ସଂଗ୍ରହ କରିଥିଲା। ଜବାବରେ ସ୍କାଏ-୧୧ ଟିମ୍ ୧୪.୨ ଓଭରରେ ୭ ଉଇକେଟ ହରାଇ ୧୨୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସତ୍ୟରଞ୍ଜନ ରାଉତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥିଭାବେ ସାମାଜିକ କର୍ମୀ ଗୋପୀନାଥ ରାଉତରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବରୁଣେଇରେ ରଜ ଉତ୍ସବ ପ୍ରସ୍ତୁତି ଆରମ୍ଭ

**ଖୋର୍ଦ୍ଧା ଅଫିସ,୧୪।୫**

ଖୋର୍ଦ୍ଧା ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହେଉଛି ବରୁଣେଇ ପୀଠ। ଏହି ପୀଠରେ କେଉଁ ଆବାହନ କାଳରୁ ରଜମେଳା ଅନୁଷ୍ଠିତ ହୋଇ ଆସୁଛି। ରଜ ମେଳା ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ। ଏହି ମେଳାରେ ବିଭିନ୍ନ ପ୍ରକାରର ଘରକରଣା ସାମଗ୍ରୀ, ମନୋହରୀ, ପିଲାମାନଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ପ୍ରକାରର ଦୋଳି ପଡିଥାଏ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହି ରଜ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଦର୍ଶକ, ପର୍ଯ୍ୟଟକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ ସହ ରଜ ଦୋଳି, ରଜ ପାନ, ବିଭିନ୍ନ ପ୍ରକାର ପିଠାପଣାର ମଜା ନେଇଥାନ୍ତି। ଏହି ମେଳାରେ ସ୍ଥାନୀୟ ଅଞ୍ଚଳ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରବଳ ଜନସମାଗମ ହୋଇଥାଏ। କରୋନା ମହାମାରୀ ଯୋଗୁ ଗତ ଦୁଇ ବର୍ଷ ହେବ ଏହି ପୀଠରେ ରଜ ଉତ୍ସବ ଫିକା ପଡିଥିଲା। ତେବେ ଚଳିତ ଥର କରୋନା ସଂକ୍ରମଣ ହ୍ରାସ ପରେ ରଜ ଉତ୍ସବ ଜମିବ। ଏନେଇ ଜିଲା ସଂସ୍କୃତି ବିଭାଗ ପ୍ରସ୍ତୁତି ଆରମ୍ଭ ହୋଇଛି। ପର୍ବତର ଉପର ଶିଖରରେ ମା'ବରୁଣେଇ ଓ କରୁଣେଇଙ୍କ ମନ୍ଦିର ରହିଛି। ପାହାଡ଼ ଉପରେ ରହିଥିବା ବିଭିନ୍ନ ଐତିହ୍ୟ ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କ ଉପରେ ମା'ଙ୍କ ମହିମା ଏବଂ ଆର୍ଶୀବାଦ ରହିଥାଏ। ଏଠାକୁ ଯିଏ ଥରେ ଆସିଛି, ସେ ପୁଣି ଥରେ ଏଠାକୁ ଟାଣି ହୋଇ ଆସେ। ମା'ଙ୍କ ଦର୍ଶନର ଫଳ ସ୍ୱରୂପ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ପର୍ବତର ଆଭ୍ୟନ୍ତରଣରୁ ଚିରସ୍ରୋତା ଝରଣା ଦେବୀଙ୍କ ନାଭି ସ୍ଥଳ ଦେଇ ପାଦ ତଳକୁ ବୋହି ଯାଉଛି। ଏହି ଝରଣାକୁ ସ୍ୱର୍ଣ୍ଣ ଗଙ୍ଗା ମଧ୍ୟ କୁହାଯାଏ। ଠାକୁରାଣୀ ପୂଜା ପାଉଥିବା ସିଂହାସନ ତଳେ ଥିବା ଏକ କୁଣ୍ଡ ଦେଇ ଏହି ଝରଣା ଜଳ ପ୍ରବାହିତ ହୋଇଥାଏ। ଏହି କୁଣ୍ଡର ଜଳକୁ ଭକ୍ତ ମାନେ ପାଦୁକା ରୂପେ ପାଇଥାନ୍ତି। ବହୁ ଦୂରାରୋଗକୁ ଆରୋଗ୍ୟ କରିବାର ଶକ୍ତି ଏହି କୁଣ୍ଡ ଜଳରେ ରହିଛି ବୋଲି ବିଶ୍ୱାସ ରହିଛି।

### ଖିରି ଓ ଏଣ୍ଡୁରି ପିଠା ନିଆରା

ଏହି ପୀଠରେ ଦେବୀଙ୍କୁ ନୈବେଦ୍ୟ ଅର୍ପଣର ଏକ ବିଶେଷତା ରହିଛି। ପଣସ ପତ୍ର ଠୋଲାରେ ଅରୁଆ ଚାଉଳରେ ପ୍ରସ୍ତୁତ ଖିରି, ନଡିଆ ଗୁଡରେ ତିଆରି ପୁର ଦିଆ ଏଣ୍ଡୁରି ପିଠା ଭୋଗ ହୋଇଥାଏ। ଏହି ଭୋଗ ଲାଗି ଭକ୍ତ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଆଗ୍ରହ ରହିଥାଏ। ଏଠାକୁ ଆସୁଥିବା ଭକ୍ତ ମା'ଙ୍କ ଖିରି ଏବଂ ଏଣ୍ଡୁରି ପୀଠା ଖାଇବାକୁ ଭୁଲି ନ ଥାନ୍ତି। ଏହି ପୀଠରେ ବର୍ଷର ବିଭିନ୍ନ ସମୟରେ ବହୁ ପର୍ବ ପାଳନ ହେଉଥିଲେ ମଧ୍ୟ ରଜ ପର୍ବ ଏଠାରେ ନିଆରା ଢଙ୍ଗରେ ପାଳିତ ହୋଇଥାଏ। ପହଲି ରଜରେ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରି ଚନ୍ଦନଲାଗି ବେଶ ହୋଇଥାଏ। ଏହି ବେଶରେ ଠାକୁରାଣୀମାନେ ରଜ ତିନିଦିନ ଧରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଠାକୁରାଣୀଙ୍କ ଏହି ଅପୂର୍ବ ବେଶ ଦର୍ଶନ ଲାଗି ପ୍ରବଳ ଭିଡ଼ ଜମିଥାଏ।

**ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା**

କୋଣାର୍କ,(ଡି.ଏନ୍‌.ଏ.): ବୈଶାଖ ମାସ ଶେଷ ଶନିବାର ପରିପ୍ରେକ୍ଷୀରେ କୋଣାର୍କସ୍ଥିତ ନବଗ୍ରହ ପୀଠରେ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହେବା ସହ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଖବରରୁ ପ୍ରକାଶ, କୋଣାର୍କ ତଥା ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ନିଜ ପରିବାରର କଲ୍ୟାଣ ନିମନ୍ତେ ନବଗ୍ରହ ପୀଠରେ ଗ୍ରହଶାନ୍ତି ଓ ରିଷ୍ଟ ଖଣ୍ଡନ ପାଇଁ ଧାର୍ମିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଓ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନା କରିଥିଲେ। ଶାରୀରିକ ଓ ମାନସିକ ଭାବେ ପ୍ରଭାବିତ ଶିଶୁଙ୍କ ଆରୋଗ୍ୟ କାମନା କରି ବ୍ରତ ରଖିଥିବା ମହିଳାମାନେ ନିଜ ପିଲାମାନଙ୍କୁ ପୀଠରେ ଥିବା ବାଲିରେ ଗାତ ଖୋଲି ପୋତିଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

ପିପିଲି,୧୪।୫(ଡି.ଏନ୍‌.ଏ.)- ଭୁବନେଶ୍ୱର-ପୁରୀ ୩୧୬ନଂ. ଜାତୀୟ ରାଜପଥ ଗୁଡିଆପୋଖରୀ ଛକ ସାଇମନ୍ଦିର ନିକଟରେ ଶନିବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ଜୀବନ ଚାଲି ଯାଇଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଗୁଡିଆପୋଖରୀ ସିଉଳାର ତ୍ରିନାଥ ମଲ୍ଲିକ(୬୭)। ମିଳିଥିବା ସୂଚନା ମୁତାବକ, ତ୍ରିନାଥ ସାଇକେଲ ଯୋଗେ ସାଇମନ୍ଦିର ନିକଟରେ ଅପରାହ୍ଣରେ ରାସ୍ତାପାର ହେଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତ୍ରିନାଥ ଛିଟିକି ତଳେ ପଡି ଗୁରୁତର ହୋଇଥିଲେ। ଖବର ପାଇ କୌଶଲାଗଙ୍ଗ ପାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ଜେନା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ତ୍ରିନାଥଙ୍କୁ ଉଦ୍ଧାର କରି ଭୁବନେଶ୍ୱର ମେଡିକାଲ ପଠାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସୂଚନାରୁ ଜଣାପଡ଼ିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ବାଇକ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି।

### ଦୋକାନ ଭିତରେ ପଶିଲା ହାଇୱା

ପିପିଲି,୧୪।୫(ଡି.ଏନ୍‌.ଏ.)- ପିପିଲି ବଜାର ଅଞ୍ଚଳର ପଣ୍ଡାବଜାରରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାଇୱା(ନଂ.ଓଡି ୧୯ଇ ୪୫୧୮) ଭାରସାମ୍ୟ ହରାଇ ଏକ ଦୋକାନ ଭିତରକୁ ପଶିଯାଇଛି। ଏହି ହାଇୱାଟି ଅନ୍ୟ ଏକ ହାଇୱା ପଛରେ ପିଟିବା ପରେ ନିୟନ୍ତ୍ରଣ ହରାଇ ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ରବୀନ୍ଦ୍ର ବାରିକଙ୍କ ପୂଜା ସାମଗ୍ରୀ ଦୋକାନର ସମ୍ମୁଖ ଭାଗ- ଆଜବେଷ୍ଟସ, ଖୁମ୍ବ ଆଦି ଭାଙ୍ଗି ଚୁରମାର ହୋଇଥିବାର ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ବଡ ପଥର ଖଣ୍ଡ ବୋଝେଇ ଥିବା ଏହି ହାଇୱା ରାତି ପ୍ରାୟ ୨ଟାବେଳେ ନିମାପଡା ଅଭିମୁଖେ ଯାଉଥିଲା। ଏହି ଗାଡିର ଆଗରେ ଥିବା ଅନ୍ୟ ଏକ ହାଇୱା ପଣ୍ଡାବଜାରରେ ଥିବା ହମ୍ପରେ ବ୍ରେକ ମାରିବା ମାତ୍ରେ ପଛରେ ଥିବା ହାଇୱାଟି ଆଗ ଗାଡିକୁ ଶକ୍ତ ଧକ୍କା ଦେଇଥିଲା। ଫଳରେ ପଛ ହାଇଓାର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯିବା ସହ ଷ୍ଟେରିଙ୍ଗରେ ଡ୍ରାଇଭର ଚାପି ହୋଇ ରହିଯିବାରୁ ଗାଡିଟି ନିକଟରେ ଥିବା ଏକ ଦୋକାନ ଭିତରକୁ ପଶିଯାଇଥିଲା। ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଅଞ୍ଚଳବାସୀ ଆସି ଡ୍ରାଇଭରଙ୍କୁ ଗାଡି ଉପରୁ ଉଦ୍ଧାର କରିବା ସହ ଡାକ୍ତରଖାନା ପଠାଇଥିଲେ। ଖବରପାଇ ପିପିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

### ଯୋଗ ଭାରତର ଏକ ଆତ୍ମା ପରମାତ୍ମାର ଯୋଗକାରୀ

ପୁରୀ ଅଫିସ,୧୪।୫- ବଡ଼ଦାଣ୍ଡସ୍ଥିତ ଗୋଏଙ୍କା ଧର୍ମଶାଳା ପରିସରରେ ସର୍ବଭାରତୀୟ ଯୋଗ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ଡ. ରମାକାନ୍ତ କର ଯୋଗଦେଇଥିଲେ। ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ରତିଭା ତ୍ରିପାଠୀ, ବ୍ୟାଙ୍କ ଅଧିକାରୀ କୈଳାସ ସାହୁ, ସମ୍ପାଦକ କାଳୀଚରଣ ମିଶ୍ର, ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଯୋଗର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରି କହିଥିଲେ, ଯୋଗ ଭାରତର ଏକ ଆତ୍ମା ପରମାତ୍ମାର ଯୋଗକାରୀ। ଅନୁଷ୍ଠାନର ଉପଦେଷ୍ଟା ଭାଗବତ ପ୍ରସାଦ ପଟ୍ଟନାୟକ କହିଥିଲେ, ଯୋଗ ଏକ ବ୍ୟାୟାମ ଏକ ମହୌଷଧ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର। ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ। ଏଥିରେ ବିଭିନ୍ନ ପ୍ରଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲାଲା ଅନନ୍ତ ସିଂହ, ଅକ୍ଷୟ ଦାଶ, ବାଦଲ ପଣ୍ଡା, ସସ୍ମିତା ରାୟ, ଜ୍ୟୋତିରଞ୍ଜନ ଦାସ, ନୃସିଂହ ଦଳାଇ ଏବଂ ଟ୍ରଷ୍ଟର ସମସ୍ତ ସଭ୍ୟାସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ କାଳୀଚରଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

ପୁରୀ ଅଫିସ,୧୪।୫


ନୃସିଂହ ଜନ୍ମ ଅବସରରେ ଠାକୁରଙ୍କୁ ସେବାୟତମାନେ ଚାପ ଖେଳାଇବାକୁ ନେଉଛନ୍ତି ।

ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀ ଶନିବାର ଅବସରରେ ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରର ନୀତି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କର ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଯାତ ଭୋଗ ସରିଥିଲା। ପରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନଯାତ୍ରା ନିମନ୍ତେ ଚନ୍ଦନ ଚକଡ଼ାକୁ ବିଜେ କରିଥିଲେ। ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଜଳ କ୍ରୀଡ଼ା ସାରି ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଏହାପରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହି, ସୁଭାଷ ବୋଷ ଛକ ଦେଇ ଚକ୍ରତୀର୍ଥ ରୋଡ଼ସ୍ଥିତ ନୃସିଂହ ମନ୍ଦିରକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀନୃସିଂହ ଦେବଙ୍କୁ ଲାଗି କରାଯିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରେ ଭୋଗ କରିଥିଲେ। ପରେ ସେବାୟତମାନେ ନୀତି ସାରି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢ଼ିଥିଲା। ପରେ ତିନିବାଡ଼ରେ ଠାକୁରଙ୍କୁ ପଞ୍ଚାମୃତ ମହାସ୍ନାନ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଠାକୁର ନୂଆ ଲୁଗା ଲାଗିହୋଇ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇଥିଲେ। ପରେ ପାଣି ପଡ଼ି ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମହାଜନ ସେବକ ଦକ୍ଷିଣୀ ଘରୁ ନୃସିଂହ ଠାକୁରଙ୍କୁ ଆଣି ରତ୍ନସିଂହାସନ ଉପରକୁ ବିଜେ କରାଇଥିଲେ। ସେଠାରୁ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ଉପରକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇଥିଲେ। ଅପରପକ୍ଷେ ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହ ମନ୍ଦିର ଭିତରେ ପତି ମହାପାତ୍ର ଏବଂ ମୁକ୍ତିମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପୂଜାପଣ୍ଡା ମହାସ୍ନାନ ପୂଜା କରିଥିଲେ। ଏହାପରେ ଉଭୟଙ୍କ ପାଖରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି ହେବା ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ପରେ ମହାଜନ ସେବକ ନୃସିଂହଙ୍କୁ ହାତରେ ବିଜେ କରାଇ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନବଡୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ। ସେଠାରେ ବିଭିନ୍ନ ନୀତି ସହ ଭୋଗ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ନୃସିଂହ ବିଜେ କରିବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଳଟ ଲାଗିହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### ନୃସିଂହଙ୍କ ଜନ୍ମୋତ୍ସବ ପାଳିତ

ସାକ୍ଷୀଗୋପାଳ,୧୪।୫(ସ୍ୱ.ପ୍ର): ସତ୍ୟବାଦୀ ବ୍ଲକ ଜିପୁର ଗ୍ରାମରେ ନୃସିଂହ ଜନ୍ମ ପାଳନ କରାଯାଇଛି। ସକାଳେ ମନ୍ଦିରରେ ଠାକୁରଙ୍କ ଆଳତି କରାଯାଇଥିଲା। ବୈଦିକ ପୁରୋହିତ ନୃସିଂହ ପୁରାଣ ପାଠ କରିଥିଲେ। ଅପରାହ୍ଣରେ ଠାକୁରଙ୍କୁ ଚନ୍ଦନ ଓ ପଦ୍ମ ଫୁଲରେ ବେଶ କରାଯାଇଥିଲା। ଉତ୍ସବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ସରପଞ୍ଚ ସରସ୍ୱତୀ ବିଶ୍ୱାଳ ସମିତି ସଭ୍ୟ ଗୀତାଞ୍ଜଳି ବିଶ୍ୱାଳ, ଶିକ୍ଷାବିତ୍ ଜୟନ୍ତ ତ୍ରିପାଠୀ ଯୋଗଦେଇଥିଲେ। ଜିପୁର ସମେତ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ହୋଇ ଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରାମଲୀଳା ମାଧ୍ୟମରେ ପ୍ରଭୁ ନୃସିଂହଙ୍କ ଆଧାରିତ ବିଷୟବସ୍ତୁ ପରିବେଷଣ କରାଯାଇଥିଲା। ଗ୍ରାମର ରଘୁନାଥ ରଥ, ସୁଶାନ୍ତ କୁମାର ରଥ, ମନୋରଞ୍ଜନ ରଥ, ଶ୍ରୀନିବାସ ରଥ, ପ୍ରଭାତ ଚନ୍ଦ୍ର ରଥ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

## ରଥଖଳାରୁ

# ତିନି ରଥର କୋଣଗୁଜ ଅନୁକୂଳ



ପୁରୀ ଅଫିସ, ୧୪।୫

ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଶନିବାର ମହାପ୍ରଭୁ ଶ୍ରୀ ନୃସିଂହ ଦେବଙ୍କ ଜନ୍ମ ତିଥି ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଏବଂ ରଥ ସଂହିତା ଅନୁଯାୟୀ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ଗୁଜ ଅନୁକୂଳ କାର୍ଯ୍ୟ ରୂପକାର ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିସହ ଭୋଇ ସେବକମାନେ ଯନ୍ତାଗାଡ଼ ଖୋଲା ଅନୁକୂଳ କାର୍ଯ୍ୟ ଭୋଇ ସରଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ମଧ୍ୟ ଶେଷ କରିଛନ୍ତି। ଶ୍ରୀନୃସିଂହ ଚତୁର୍ଦ୍ଦଶୀରେ ତିନିରଥ ପାଇଁ ୭ଟି ଲେଖାଁଏ ୧୨ ଫୁଟିଆ ଧଉରା କାଠ ରଥ ଅମିନ ଶ୍ରୀଲକ୍ଷ୍ମଣ ମହାରଣା ରଥ ଭୋଇଙ୍କ ସହାୟତାରେ ତିନି ରଥ ଚାଳିକୁ ଯୋଗାଇ ଦେଇଥିଲେ। ତିନିରଥର ମୁଖ୍ୟ ମହାରଣାମାନେ ନଡ଼ିଆ ବାଡେଇ ଅନୁକୂଳ ପୂଜା ପୂର୍ବକ ଗୁଜ ପାଇଁ ଉଦ୍ଦିଷ୍ଟ ୧୨ଫୁଟିଆ ଧଉରା କାଠଗୁଡିକର ଉପର ଅଂଶକୁ ବାରିସିରେ ହାଣି ସମତଳ କରି ଚଉପଟ କରିଥିଲେ। ଅପରାହ୍ଣରେ ମହାପ୍ରଭୁଙ୍କ ଜାତଭୋଗ ପରେ ଚନ୍ଦନ ଠାକୁର ଚନ୍ଦନ ପୋଖରୀକୁ ବିଜେ ସମୟରେ ତିନିରଥର ମହାରଣା ସେବକ ଗୁଜ ଅନୁକୂଳ ପାଇଁ ରୂପକାର ସେବକଙ୍କୁ ତିନି ବାଡର ଗୋଟିଏ ଚଉପଟ ହୋଇଥିବା ଗୁଜ କାଠ ଯୋଗାଇ ଦେବାପରେ ତିନିରଥର ମୁଖ୍ୟ ରୂପକାର ସେବକ ଗୁଜ କାଠରେ ପୂଜା କରି ତିନିରଥରେ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ କରି ପ୍ରାରମ୍ଭିକ କୋଣଗୁଜ ନିର୍ମାଣର ଶୁଭାନୁକୂଳ ସମ୍ପନ୍ନ କରିଥିଲେ। ସୂଚନା ଅନୁଯାୟୀ, ଅକ୍ଷୟତୃତୀୟା ଅବସରରେ ରଥଖଳା ନିକଟରେ ପୂଜା ହୋଇଥିବା ଏବଂ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଅନୁକୂଳ ହୋଇଥିବା ୩ଟି ଧଉରା କାଠରେ ନୃସିଂହ ଜନ୍ମ ତିଥିରେ କୋଣଗୁଜ ଅନୁକୂଳ ହୋଇଥାଏ। ସେହିପରି ରଥ ନିର୍ମାଣର ଏକାଦଶ ଅବସରରେ ତିନିରଥର ମହାରଣାମାନେ ପ୍ରତ୍ୟେକ ୨ଟି ଲେଖାଁଏ ଚକ ପାଇଁ ଆବଶ୍ୟକ ଅର ପ୍ରସ୍ତୁତ କରିବା ସହ ପ୍ରତ୍ୟେକ ୭ଟି ଲେଖାଁଏ ଗୁଜ ଚଉପଟ କାର୍ଯ୍ୟ ଶେଷ କରିଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ତିନିରଥର ଓଝା ସେବକମାନେ ଅରକଣ୍ଟା, ପନ୍ଦାରୀ ଏବଂ ବଳା ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣର ଏକଦଶ ଦିନରେ ରଥ ନିର୍ମାଣ କାର୍ଯ୍ୟରେ ତିନିରଥର ମୋଟ ମହାରଣା ୭୨ଜଣ, ଭୋଇସେବକ ୬୨ଜଣ, କରତି ସେବକ ୪ଜଣ ଚୁମ୍ବ ବିନ୍ଧ କାରିଗର ଜଣେ ପହି ମହାରଣା ୨ଜଣ, ଓଝା ବା କମାର ସେବକ ୧୨ଜଣ ଏବଂ ରଥଖଳା ସହାୟକ ଜଣେ ଏହିପରି ମୋଟ ୧୫୪ ଜଣ କାରିଗର ଏବଂ ସେବକ ନିୟୋଜିତ ଥିଲେ।

# ଡକାୟତି ଯୋଜନା ପଣ୍ଡ, ୩ ଗିରଫ

ଡେଲାଙ୍ଗ,୧୪।୫(ଡି.ଏନ୍‌.ଏ.)



ଡେଲାଙ୍ଗ ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିବାରେ ସଫଳ ହୋଇଛି। ଏଥିସହ ୬ଜଣ ଡକାୟତଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ମାନେ ହେଲେ କଣାସ ଥାନା ଅଞ୍ଚଳ ବଳଭଦ୍ର ପୁର ଗ୍ରାମର ଶିବାଜୀ ପାଇକରାୟ(୩୮), ଡେଲାଙ୍ଗ ଥାନା ଅଞ୍ଚଳ ହରିପୁର ଗ୍ରାମର ବିଶ୍ୱଜିତ ସାମନ୍ତରାୟ(୨୮), ଗୋଦାସାହିର ବିଶ୍ୱରଞ୍ଜନ ଜେନା (୩୧)। ଏ ନେଇ ପୋଲିସ ନଂ.୧୨୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ଡେଲାଙ୍ଗ ଥାନା ଏଏସ୍ଆଇ ସୁଦାମ ଚରଣ ନାୟକଙ୍କ ସହିତ ପୋଲିସ କର୍ମଚାରୀ ରାତ୍ର ପାଟ୍ରୋଲିଂ କରୁଥିଲେ। ଗୋଦାସାହି ନିକଟସ୍ଥ ଏକ ପରିତ୍ୟକ୍ତ କୁକୁଡା ଫାର୍ମରେ ୬ ଜଣ ଯୁବକ ଏକତ୍ର ବସି ଡକାୟତି ପାଇଁ ଆଲୋଚନା କରୁଥିବାର ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପାଟ୍ରୋଲିଂ ଗାଡି ଉକ୍ତ ସ୍ଥାନରେ ପହଞ୍ଚିଥିଲା। ପୋଲିସ ଗାଡି ଦେଖି ୩ ଜଣ ଅଭିଯୁକ୍ତ ବାଇକ୍‌ରେ ଚମ୍ପଟ ମାରିଥିଲେ। ଅନ୍ୟ ୩ଜଣ ଅଭିଯୁକ୍ତଙ୍କୁ ପୋଲିସ କର୍ମଚାରୀମାନେ ଗୋଡାଇ କାବୁ କରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କଠାରୁ ୪ଟି ମୋବାଇଲ ଫୋନ, କଟୁରି, ୨ଟି ଲୁହା ରଡ, ଟର୍ଚ୍ଚ ଲାଇଟ, ୨ଟି ମଦ ବୋତଲ, ଲଙ୍କା ଗୁଣ୍ଡ ଓ ମାରୁତି ୮୦୦ର ଗୋଟିଏ କାର (ନଂ.ଓଆର୦୨ଡବ୍ଲୁ ୫୫୦୨) ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ସହିତ ପାତ୍ରପଡା ଓ ଜଟଣୀ ଅଞ୍ଚଳରେ ରାହାଜାନୀ, ଡକାୟତ କରିବା ପାଇଁ ଯୋଜନା କରୁଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା।

### ୫ ବ୍ଲକରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ ଅଫିସ,୧୪।୫: ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପୁରୀ ସମେତ ପିପିଲି, ନିମାପଡ଼ା, କୋଣାର୍କ, ବ୍ରହ୍ମଗିରି ଓ କଣାସ କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୪୯୧ ମାମଲା ଫଇସଲା କରାଯାଇ ଜରିମାନା ବାବଦକୁ ୩ କୋଟି ୬୮ ଲକ୍ଷ ୫୦ ହଜାର ୪୫୩ ଟଙ୍କା ଆଦାୟ କରାଯାଇଛି। ଏଥିରେ ୫୭ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାରେ ସମାଧାନ କରାଯାଇଛି। ଏହି ବାବଦକୁ ବୀମା କମ୍ପାନୀ ୨ କୋଟି ୪ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ ଲୋକ ଅଦାଲତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଇନସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ ପରିଚାଳନା ଦାୟିତ୍ୱରେ ଥିଲେ। ପରିବାର ଅଦାଲତ ବିଚାରପତି ଅରୁଣ କୁମାର ମଲ୍ଲିକ, ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା, ୨ୟ ଅତିରିକ୍ତ ଜିଲା ଦୌରାଜଜ୍ ଅମିୟ ରଞ୍ଜନ ଜେନା ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ବିଦ୍ୟାଧର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

ପିପିଲି,୧୪।୫(ଡି.ଏନ୍‌.ଏ.)

ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତ ଏକ କଲ୍ୟାଣ ମଣ୍ଡପରେ ସ୍ୱଚ୍ଛ ଭାରତ ମିଶନ ଅଭିଯାନରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଶ୍ମିତା ସେନାପତିଙ୍କ ସଭାପତିତ୍ୱରେ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଯୋଗଦେଇ ପଞ୍ଚାୟତରେ ପ୍ରକଳ୍ପ ସମସ୍ତଙ୍କ ସହଯୋଗରେ ଠିକ୍ ଭାବେ ରୂପାୟନ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ଅଦରକାରୀ ବର୍ଜ୍ୟବସ୍ତୁକୁ ବାହାରେ ନ ଫୋପାଡି ସରକାରଙ୍କ ନିୟମ ମୁତାବକ ପ୍ରକଳ୍ପରେ ବ୍ୟବହାର କଲେ ଆମେ ସ୍ୱଚ୍ଛ ରହିବା ସହିତ ଜିଲାରେ ଏହି ପ୍ରକଳ୍ପ ବ୍ୟବହାର ପାଇଁ ପଞ୍ଚାୟତ ଏକ ନମ୍ବର ହୋଇପାରିବ ବୋଲି ସେ କହିଥିଲେ। ଜିଲା ସ୍ୱଚ୍ଛ ଭାରତ ଅଧିକାରୀ ଶ୍ରୀପତି ମହାପାତ୍ର, ସହକାରୀ ଯନ୍ତ୍ରୀ ବସନ୍ତ ସାହୁ, ବିଭାଗୀୟ ଯନ୍ତ୍ରୀ ରଣଜିତ କର ପ୍ରକଳ୍ପ ନିର୍ମାଣ ଓ ବ୍ୟବହାର ସମ୍ପର୍କରେ ଅବଗତ କରାଇଥିଲେ। ସମିତିସଭ୍ୟା ରୁବିନା ପଲେଇ, ଜିପିଇଓ ଆଲୋକ ସାହୁ, ଜିଆର୍‌ଏସ୍ ଆଶ୍ରିତ ଦୀକ୍ଷିତ, ଆଶା ଓ ଅଙ୍ଗନୱାଡି, ଶିକ୍ଷକ, ୱାର୍ଡ ମେମ୍ବର ମହିଳା ମହାସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ନାଏବ ସରପଞ୍ଚ ଶିବ ସ୍ୱାଇଁ (ମକରା)ଧନ୍ୟବାଦ ଦେଇଥିଲେ।

### ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ବିରୋଧୀଙ୍କ ବିରୋଧରେ ଏତଲା

କଣାସ,୧୪।୫(ସ୍ୱ.ପ୍ର): ସାମାଜିକ କର୍ମୀ ଲୋକନାଥ ରଣଜିତ୍ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ବିରୋଧୀଙ୍କ ବିରୋଧରେ କଣାସ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପତ୍ରରେ ବିରୋଧୀଙ୍କୁ କଳାପାହାଡ଼ ଭାବେ ଅଭିହିତ କରିବା ସଙ୍ଗେସଙ୍ଗେ ସେମାନଙ୍କ ବିରୋଧରେ ପ୍ରଶାସନ ଏବଂ ଜନସାଧାରଣଙ୍କ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆହୁରି ମଧ୍ୟ ସେଥିରେ ଉଲ୍ଲେଖ ରହିଛି, ଭାରତ ସରକାରଙ୍କ ଏଏସ୍ଆଇ ସଂସ୍ଥା ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିଲେ ମଧ୍ୟ କାହିଁକି ଏପର୍ଯ୍ୟନ୍ତ ନୀରବ ରହିଛି। ଏବେ ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରି ପରିକ୍ରମା ପ୍ରକଳ୍ପକୁ ବିରୋଧ କରିବା ଫଳରେ ଜଗନ୍ନାଥପ୍ରେମୀଙ୍କ ମନରେ ଘୋର ଆଘାତ ଲାଗିଛି। ତେଣୁ ଜଗନ୍ନାଥ ପରିକ୍ରମା ପ୍ରକଳ୍ପକୁ ବିରୋଧ କରା ନ ଯାଇ ଏଏସ୍ଆଇ, ଓବିସିସି ଓ ପ୍ରକଳ୍ପକୁ ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲା ମାଧ୍ୟମରେ ଦାବି କରିଛନ୍ତି।

# ମାଉସୀ ମା'ଙ୍କ ଜଳାଶୟ ନୀତି ସମ୍ପନ୍ନ

ପୁରୀ ଅଫିସ,୧୪।୫



ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀ ବା ନୃସିଂହ ଜନ୍ମ ଦିନ ରୂପେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀ ଭାବେ ପରିଚିତ ମାଉସୀ ମା' ବା ଅର୍ଦ୍ଧାସିନୀ ନାମରେ ବିଖ୍ୟାତ। ପ୍ରଳୟ ଜଳ ଶୋଷଣ କରି ଶ୍ରୀକ୍ଷେତ୍ରକୁ ରକ୍ଷା କରିଥିବା ସ୍କନ୍ଦ ପୁରାଣରେ ବର୍ଣ୍ଣିତ ରହିଛି। ତେବେ ପ୍ରବଳ ଉତ୍ତାପ ବା ଗ୍ରୀଷ୍ମରେ ଶୀତଳତା ପ୍ରଦାନ ପାଇଁ ପ୍ରତିବର୍ଷ ନୃସିଂହ ଚତୁର୍ଦ୍ଦଶୀ ତିଥିରେ ମାଉସୀ ମା'ଙ୍କ ଜଳାଶୟ ବା ଜଳ ଅଭିଷେକ ନୀତି ଅନୁଷ୍ଠିତ ହୋଇଥାଏ। ସ୍ଥାନୀୟ ବ୍ରାହ୍ମଣମାନେ କୂଅରୁ ଶୁଦ୍ଧ ଜଳକୁ ଆଣି ସେଥିରେ ସୁଗନ୍ଧିତ ଦ୍ରବ୍ୟ ଏବଂ ବିଭିନ୍ନ ପ୍ରକାର ପୁଷ୍ପ ଆଦି ମିଶ୍ରଣ କରିବା ପରେ ଜଳକୁ ସଂସ୍କାର କରାଯାଇଥାଏ । ଭଗବତୀ ମା' ମାଉସୀ ମା'ଙ୍କ ଅଧର ପର୍ଯ୍ୟନ୍ତ ଜଳ ଲାଗି କରାଯାଇଥାଏ। ତେବେ ଅଲୌକିକ ଭାବେ ଯେତେ ବ୍ୟବସ୍ଥିତ ଥିଲେ ମଧ୍ୟ ସମସ୍ତ ଜଳରାଶିକୁ ମା' ଶୋଷି ଦେଇଥାନ୍ତି। କାରଣ ମା' ନିଜେ ପ୍ରଳୟବାରି ଶୋଷଣକାରିଣୀ ବୋଲି ପୂଜକ ବିଶ୍ୱନାଥ କହିଛନ୍ତି। ଜଳାଭିଷେକ ପରେ ସନ୍ଧ୍ୟାରେ ଭୋଗ, ବେଶ ଓ ଆଳତି କରାଯାଇଥିଲା। ମା'ଙ୍କ ପୂଜକ ବିଶ୍ୱନାଥ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'ଭବାନୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କର'

ନିମାପଡା,୧୪।୫(ଡି.ଏନ୍‌.ଏ.):

**ସ୍ୱାଧୀନତା ସଂଗ୍ରାମୀ ଭବାନୀ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକ**

ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ପଟ୍ଟନାୟକଙ୍କ ୨ୟ ଶ୍ରାଦ୍ଧ ବାର୍ଷିକ ଶନିବାର ନିମାପଡ଼ାର ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରେରଣା ଦିବସ ଭାବେ ପାଳିତ ହୋଇଯାଇଛି। ଶହୀଦ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନିମାପଡା କଲେଜ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ, ଆଇନଜୀବୀ ସୁଧୀର ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, କଲେଜ ଅଧ୍ୟକ୍ଷ ରମାକାନ୍ତ ଦାଶ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ମିଶ୍ର, ବିଡିଓ ବସନ୍ତ କୁମାର ମଲ୍ଲିକ, ଶହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତି, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ 'ଦେଶ ପ୍ରେମ ପାଇଁ ପ୍ରେରଣା' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ୫ଶହ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୦ କୃତି ଚିତ୍ରକରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହ ଯୁବ ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେଠାରୁ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ସମାରୋହରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନ, ନିମାପଡା ବ୍ୟବସାୟୀ ସଂଘ ସମେତ ଅନେକ ଲୋକ ଯୋଗଦେଇଥିଲେ। ସଂସଦର ସମ୍ପାଦକ ସେନାପତି କାର୍ଯ୍ୟକ୍ରମର ପରିଚାଳନା ଓ ସଂଯୋଜନା କରିଥିଲେ। ନିମାପଡ଼ା କଲେଜ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦେଶାତ୍ମବୋଧକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

# ରାମକୃଷ୍ଣ ମିଶନ ଛାତ୍ରସଂଘର ସମ୍ମିଳନୀ

ପୁରୀ ଅଫିସ, ୧୪।୫

ପୁରୀ ରାମକୃଷ୍ଣ ମିଶନ ଆଶ୍ରମର ପୁରାତନ ଛାତ୍ରସଂଘର ପଞ୍ଚମ ଦ୍ୱିବାର୍ଷିକ ଦୁଇଦିନିଆ ସମ୍ମିଳନୀ ଶନିବାର ମିଶନ ଆଶ୍ରମ ପରିସରରେ ଉଦ୍‌ଘାଟିତ ହୋଇଛି। ସମ୍ମିଳନୀରେ ଛାତ୍ରସଂଘର ଉପ-ସଭାପତି ପ୍ରମୋଦ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ପୁରୀ ମିଶନ ଆଶ୍ରମର ପରିଚାଳନା ସମ୍ପାଦକ ତଥା ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଆପ୍ତେଶ୍ୱରାନନ୍ଦ ମହାରାଜ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଓଁକାର ଏବଂ ବେଦମନ୍ତ୍ର ଗାନ କରାଯାଇଥିଲା। ଏଥିରେ ରାୟଗଡ଼ାସ୍ଥିତ ହାଟ ମୁନିଗୁଡ଼ା ଆଶ୍ରମର ପରିଚାଳନା ସମ୍ପାଦକ ସ୍ୱାମୀ ଗୀତାତ୍ମାନନ୍ଦ ମହାରାଜ ମୁଖ୍ୟ ଅତିଥିରୂପେ ଯୋଗଦେଇ ପୁରାତନ ଛାତ୍ର ସଂଘ ଗଠନର ତାତ୍ପର୍ଯ୍ୟ ଓ ୧୯୫୬ ମସିହାରୁ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ଗର୍ବ ଓ ଗୌରବର ଏକ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଠାକୁର ରାମକୃଷ୍ଣ ପରମହଂସଙ୍କ ପରମଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସେବାମୂଳକ ଆଦର୍ଶ ଶିକ୍ଷାନୁଷ୍ଠାନର ଇତିବୃତ୍ତି ଉପସ୍ଥାପନ କରିଥିଲେ। ସ୍ୱାମୀ ଆପ୍ତେଶ୍ୱରାନନ୍ଦ ମହାରାଜ ତାଙ୍କର ବକ୍ତବ୍ୟରେ ପୁରାତନ ଛାତ୍ରସଂଘର କାର୍ଯ୍ୟଧାରା ଉପରେ ଗଭୀର ସନ୍ତୋଷ ପ୍ରକାଶ କରି ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ସଂପାଦକ ଧନଞ୍ଜୟ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ଛାତ୍ରସଂଘର ମୁଖପତ୍ର 'ସ୍ମୃତି-ଦର୍ପଣ' ମୁଖ୍ୟ ଅତିଥି ଉନ୍ମୋଚନ କରିବା ପରେ ମୁଖପତ୍ରର ସମ୍ପାଦକ ଡ. ଭିକାରୀ ଚରଣ ରଥ ଏହାର ସମୀକ୍ଷା କରିଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ ଦେଇଥିଲେ।



ପୁରୀ ଗୋଏଙ୍କା ଧର୍ମଶାଳାରେ ଆୟୋଜିତ ସର୍ବଭାରତୀୟ ଯୋଗ ପ୍ରତିଯୋଗିତାର ଶନିବାର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।



ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ବୈଠକରେ ଉପସ୍ଥିତ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।


ରାମକୃଷ୍ଣ ମିଶନ ପୁରୀ ଆଶ୍ରମରେ ଶନିବାର ଆୟୋଜିତ ପୁରାତନ ଛାତ୍ରସଂଘର ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ଛାତ୍ରସଂଘର ମୁଖପତ୍ର 'ସ୍ମୃତି-ଦର୍ପଣ'କୁ ଉନ୍ମୋଚନ କରୁଛନ୍ତି ।

## ଶ୍ରେଷ୍ଠ କଳା ସ୍ନାତକ ଛାତ୍ରୀଛାତ୍ରଙ୍କୁ ମିଳିବ ପୁରସ୍କାର

ସାଲେପୁର,(ଡି.ଏନ୍.ଏ.): ସାଲେପୁର କଲେଜ ୧୯୭୮ ବ୍ୟାଚର ବିଏ ଛାତ୍ରୀଛାତ୍ର ସେମାନଙ୍କ ସ୍ମୃତିରେ 'ଅଭୁଲା ୭୮' ପକ୍ଷରୁ ପ୍ରତିବର୍ଷ କଲେଜର ଶ୍ରେଷ୍ଠ କଳା ସ୍ନାତକଙ୍କୁ ଆର୍ଥିକ ପୁରସ୍କାର ଦେବାକୁ ଅଧକ୍ଷ ସଙ୍ଗୀତା ମିଶ୍ରଙ୍କୁ ୫୦ହଜାର ଟଙ୍କାର ଡ୍ରାଫ୍ଟ ଶନିବାର ପ୍ରଦାନ କରିଛନ୍ତି। ଏହି ପାଣ୍ଠିର ସ୍ଥାୟୀ ଜମାର ବାର୍ଷିକ ସୁଧକୁ କଲେଜର ଶ୍ରେଷ୍ଠ କଳା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସ୍ୱରୂପ ଆର୍ଥିକ ରାଶି ପ୍ରଦାନ ପାଇଁ ଅଧକ୍ଷାଙ୍କୁ ଅନୁରୋଧ କରାଯାଇଛି। ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶରତ କୁମାର ମହାନ୍ତି, ଗଣେଶ ଚନ୍ଦ୍ର ନାୟକ, ଦେବେନ୍ଦ୍ର ସ୍ୱାଇଁ, ସଚ୍ଚିଦାନନ୍ଦ ନାୟକ, ବେଣୁଧର ନାୟକ, ପ୍ରଭାତ ନାୟକ, ରବୀନ୍ଦ୍ରନାଥ ପ୍ରଧାନ, ଶାରଦା ମିଶ୍ର, ରବୀନ୍ଦ୍ର ପରିଡ଼ା, ବ୍ୟାଙ୍କ୍ ଅଫିସର କେଦାର ମିଶ୍ର, କାହ୍ନୁ ନାୟକ ପ୍ରମୁଖ ଅଧକ୍ଷାଙ୍କ ପ୍ରକୋଷ୍ଠରେ ଉପସ୍ଥିତ ରହି ଏହି ଡ୍ରାଫ୍ଟ ପ୍ରଦାନ କରିଥିଲେ।

**ସଂକ୍ଷେପରେ**

## ମହିଳାଙ୍କୁ ମାଡ଼ ମାରି ଯୁବକ ଗିରଫ

**ଖୁଣ୍ଟୁଣୀ,୧୪।୫(ଡି.ଏନ୍.ଏ.):** ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଛୋଟିଆମ୍ବ ଗ୍ରାମର ଚିତ୍ତ ବେହେରା। ଅଭିଯୋଗ ଅନୁଯାୟୀ, ଶୁକ୍ରବାର କୌଣସି କାରଣକୁ ନେଇ ଉକ୍ତ ଗ୍ରାମର ସଂଯୁକ୍ତା ପ୍ରଧାନ ଓ ପଡୋସୀ ଚିତ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଚିତ୍ତ ଉତ୍‌କ୍ଷିପ୍ତ ହୋଇ ସଂଯୁକ୍ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏ ନେଇ ସଂଯୁକ୍ତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୦/୨୨) ରୁଜୁ ହୋଇଛି।

## ପରିବହନ ବିଭାଗ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**କଣ୍ଟାପଡା, ୧୪।୫(ଡି.ଏନ୍.ଏ.):** ପରିବହନ ବିଭାଗ ପକ୍ଷରୁ ଅତଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଅରୁଣ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୨୫ଜଣ ରେସ୍‌ପଣ୍ଡର୍ସ ଯୋଗଦେଇଥିଲେ। କଟକ ଜିଲା ପରିବହନ ବିଭାଗ ନିର୍ବାହୀ ଅଧିକାରୀ ଇଂ. ସଞ୍ଜୟ କୁମାର ବେହେରା, ସଡ଼କ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ଜେନା, ଓଲଟପୁର ଥାନା ଅଧିକାରିଣୀ ବିଜୟା ସାହୁ, ଗୋବିନ୍ଦପୁର ଥାନାଧିକାରୀ ଅନାମ ଚରଣ ନାୟକ, ଡା. ସୁଧାକର ପ୍ରଧାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଦୁର୍ଘଟଣାର ଶୀକାର ଲୋକଙ୍କୁ ଠିକ୍ ସମୟରେ ସାହାଯ୍ୟ କରିଥିବା ଯୋଗୁ ୩ଜଣ ବ୍ୟକ୍ତିଙ୍କୁ ୧୦୦୦ ଟଙ୍କା ଲେଖାଏଁ ଓ ପ୍ରମାଣପତ୍ର ଦିଆଯାଇଥିଲା।

## ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



**ଚୌଦ୍ୱାର,୧୪।୫(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଡ଼ସାମନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ବଡପଦା ଗ୍ରାମରେ ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୩ ଦିନ ବ୍ୟାପି ଅନୁଷ୍ଠିତ ଏହି ଉତ୍ସବରେ କଳସ ଶୋଭାଯାତ୍ରା, ନୂତନ ବିଗ୍ରହ ପ୍ରତିଷ୍ଠା, ସଂକୀର୍ତ୍ତନ, ରାମଚରିତ ମାନସ ପାରାୟଣ ସହ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦିଲୀପ ଦାସ ଓ ହୃଷୀକେଶ ମହାନ୍ତି ଏଥିରେ କର୍ତ୍ତା ହୋଇଥିବାବେଳେ ପ୍ରଦୀପ କୁମାର ଦାସ, ରବି ନାରାୟଣ ସିଂହ, ସିଦ୍ଧାର୍ଥ ବାରିକ, ବିଜୟ କୁମାର ଦାସ, ବିଦ୍ୟାଧର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

**କଟକ ଅଫିସ, ୧୪।୫:** ଜୁଲାଇ ୧ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। କଟକ ସହରରେ ରଥଯାତ୍ରାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଡିସିପିଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସିପି ପିନାକ ମିଶ୍ର ଅଧକ୍ଷତା କରି କହିଥିଲେ, ଗତ ବର୍ଷଗୁଡିକରେ ରଥଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଯେଉଁଭଳି ସହଯୋଗ କରାଯାଇଥିଲା ଚଳିତବର୍ଷ ସେହିଭଳି କରାଯିବ। ସେହିପରି ଅତିରିକ୍ତ ଡିସିପି ପ୍ରମୋଦ ରଥ କହିଥିଲେ, କରୋନା ଯୋଗୁ ଗତ ୨ ବର୍ଷ ଧରି ରଥଯାତ୍ରା ପାଳନ କରାଯାଇ ନ ଥିଲା। ହେଲେ ଚଳିତବର୍ଷ ସଂକ୍ରମଣ ହ୍ରାସ ପାଇଥିବାରୁ ରଥଯାତ୍ରା ହେବ। ଏଥିର ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରଥଯାତ୍ରା ପରିଚାଳନା କମିଟିଗୁଡିକ ନିଜ ପକ୍ଷରୁ ଅଧିକ ସଂଖ୍ୟକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବାକୁ ସେ ନିବେଦନ କରିଥିଲେ। ଏହି ବୈଠକରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ, ରାଣୀହାଟ ପୂଜା କମିଟି ସଭାପତି ବିଜୟ କୁମାର ସାହୁ ଓ ଦୋଳମୁଣ୍ଡାଇ ପୂଜା କମିଟି ସମ୍ପାଦକ ଲିଙ୍ଗରାଜ ହାତୀ ପ୍ରମୁଖ ଯୋଗଦେଇ ରଥଯାତ୍ରାକୁ ସଫଳ କରିବା ପାଇଁ ପୋଲିସ ପ୍ରଶାସନର ସହଯୋଗ କାମନା କରିଥିଲେ। ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶୃଙ୍ଖଳା ପଡୁଛି ଓଭରହେଡ୍ ପାଣି ଟାଙ୍କି

**କଟକ ସଦର,୧୪।୫(ଡି.ଏନ୍.ଏ.)**

**ଜଳ ଯୋଗାଣରେ ରହୁନି ସମୟାନୁବର୍ତ୍ତିତା**



ଗ୍ରୀଷ୍ମପ୍ରବାହ ଯୋଗୁ କଟକ ସଦର ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ଜାରି ରହିଛି। ଏଥିଯୋଗୁ ନିର୍ଦ୍ଧାରିତ ସମୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଚାଲିପାରୁନାହିଁ। ଫଳରେ ଲୋକମାନେ ପିଇବା ପାଣି ପାଇପାରୁନାହାନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବ୍ଲକର ୩୦ଟି ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କରାଯାଇଛି। ହେଲେ ଅଧିକାଂଶ ସମୟରେ ସେଥିରେ ଆଗୁଆ ପାଣି ମହଜୁଦ କରି ରଖାଯାଉନାହିଁ। ସକାଳ ଓ ସନ୍ଧ୍ୟାରେ ଜଳ ଯୋଗାଣରେ ସମୟାନୁବର୍ତ୍ତିତା ରହୁନାହିଁ। ଜଳ ଯୋଗାଣ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିବାରୁ ଏଥିପ୍ରତି ନବନିର୍ବାଚିତ ସରପଞ୍ଚମାନେ ଦୃଷ୍ଟି ଦେବା ଆବଶ୍ୟକ ବୋଲି କଟକ ସଦର ବ୍ଲକ କଂଗ୍ରେସ ସଭାପତି ପ୍ରତାପ ମଲ୍ଲିକ କହିଛନ୍ତି। ଅନେକ ଟାଙ୍କିରୁ ପାଣି ଆପେ ଆପେ ଝରୁଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ନିମ୍ନମାନର କାମ ହୋଇଥିବାରୁ ଉକ୍ତ ଟାଙ୍କିରେ ପାଣି ଭର୍ତ୍ତି କଲେ ବେଶି ସମୟ ରହୁନାହିଁ। ରାତିରେ ପାଣି ଭର୍ତ୍ତି କଲେ ସକାଳକୁ ଖଲାସ ହୋଇଯାଉଛି। ବାରମ୍ବାର ଟାଙ୍କିରେ ପାଣି ଭର୍ତ୍ତି କରିବା ଦ୍ୱାରା ବିଦ୍ୟୁତ୍ ବିଲ୍ ଅଧିକ ଆସୁଛି। ତେଣୁ ପାଣିପମ୍ପ ଚଳାଉଥିବା ଲୋକେ ବାରମ୍ବାର ଟାଙ୍କିରେ ପାଣି ଭର୍ତ୍ତି କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅଭିଯୋଗ ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁନୀତା ମହାନ୍ତିଙ୍କୁ ପଚାରିବାରୁ ଏଥିପ୍ରତି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## 'କଠିନ ପରିଶ୍ରମ ସଫଳତାର ମାପକାଠି'

**କଟକ ଅଫିସ,୧୪।୫**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ତୁଷାରକାନ୍ତ ପାଣି ଏଥିରେ ଅଧକ୍ଷତା କରି କହିଥିଲେ, କଠିନ ପରିଶ୍ରମ ସଫଳତାର ମାପକାଠି। ଏଥିରେ ଅନେକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭାଗର ଛାତ୍ରୀ ତଥା କଟକ ମହାନଗର ନିଗମ(ସିଏମ୍‌ସି)ର ଡେପୁଟି ମେୟର ଦମୟନ୍ତୀ ମାଝିଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ଭାଗବତ ବେହେରା, ଯଯାତି ନାୟକ, ସଞ୍ଜୀବ ଦେ, ସୁଦୀପ୍ତ ନନ୍ଦ, ମଧୁମାଳା ପାଢୀ, ଡ. ପ୍ରକାଶ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ସୋହାଗିନୀ ବେହେରାଙ୍କ ଗ୍ରନ୍ଥ ଲୋକାର୍ପିତ

**କଟକ ଅଫିସ,୧୪।୫**



କଟକ ସାରଳା ଭବନରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାଳ୍ପିକା ସୋହାଗିନୀ ବେହେରାଙ୍କ ରଚିତ ଗ୍ରନ୍ଥ 'ଦୂର ଦିଗ୍‌ବଳୟ'କୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।

କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ଗାଳ୍ପିକା ସୋହାଗିନୀ ବେହେରାଙ୍କ ଗ୍ରନ୍ଥ 'ଦୂର ଦିଗ୍‌ବଳୟ' ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ସାହିତ୍ୟିକ ଡ. ରବିନାରାୟଣ ସେନାପତି ଏହାକୁ ଉନ୍ମୋଚନ କରିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ବାମାପଦ ତ୍ରିପାଠୀ ସମ୍ମାନିତ ଅତିଥି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡ. ଚୌଧୁରୀ ସତ୍ୟ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିଭୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ପାଠ୍ୟକ୍ରମରେ ସମାଜଶାସ୍ତ୍ରର ଭୂମିକା ଅନନ୍ୟ'

**କଟକ ଅଫିସ,୧୪।୫**

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗରେ ସମାଜଶାସ୍ତ୍ର ଆହ୍ୱାନ ଏବଂ ସମ୍ଭାବନା ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ପ୍ରତିରକ୍ଷା ବିଭାଗୀୟ ଅଧିକାରୀ ଡ. ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପାଠ୍ୟକ୍ରମରେ ସମାଜଶାସ୍ତ୍ର ଅନନ୍ୟ ଭୂମିକା ଗ୍ରହଣକରେ। ସେହିପରି ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡ. ଉମାକାନ୍ତ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଓ ଅଧ୍ୟାପକ ଜେମ୍ସ କିଣ୍ଡୋ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଛାତ୍ର ଯଶ୍ ଶର୍ମା ସ୍ୱାଗତ ଭାଷଣ ଓ ଛାତ୍ରୀ ସ୍ୱରୂପିଣୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଅଭିନନ୍ଦା ଆଚାର୍ଯ୍ୟ, ସୁଶ୍ରୀ ତସ୍ମିନାଜା ବେଦ, ସ୍ୱସ୍ତିକା ମହାକୁଡ, ପ୍ରଫେସର ବିକ୍ରମ କେଶରୀ ମିଶ୍ର ଉପସ୍ଥିତ ଥିଲେ।

## ନବପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ବାର୍ଷିକ ଉତ୍ସବ

**ସାଲେପୁର,୧୪।୫(ଡି.ଏନ୍.ଏ.)**

ନବପ୍ରଭାତ ଆଇଟିଆଇ ପରିସରରେ ଜାତୀୟ ସେବିକା ଦିବସ ଓ ଅନୁଷ୍ଠାନର ୧୭ତମ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ନବପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପ୍ରତିଷ୍ଠାତା ଇଂ.ମାନଗୋବିନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଡ. ଦାଶରଥି ସାହୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ହିମାଂଶୁ ମୋହନ ବାରିକ, ସମ୍ମାନିତ ଅତିଥି ଭାବେ ପ୍ରଦ୍ୟୁମ୍ନ କୁମାର ବାରିକ, ଅମ୍ବୁଜ କୁମାର ତରାଇ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଲଳିତ ମହାରଣା, ଆଶିଷ ସାହୁ, ଶୁଭଶ୍ରୀ ରାଉତ, ସୋନାଲି ପ୍ରିୟଦର୍ଶିନୀ ପ୍ରଧାନ, ତପସ୍ୱିନୀ ସାହୁ, ଶ୍ରଦ୍ଧାଲଗ୍ନା ଚଇନି, ପ୍ରିୟାଲି ଚାନ୍ଦ, ତନିଶା ତପସ୍ୱିନୀ ନାୟକ, ଭାନୁପ୍ରତାପ ବେହୁରା, ମନୋଜ କୁମାର ମହାରଣା, ଲୋକନାଥ ତ୍ରିପାଠୀ, ଶୁଭଶ୍ରୀ ଦାସ, ରାଜଶ୍ରୀ ସାହୁ, ରୀମା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି, ରାଜଶ୍ରୀ ସାହୁ, ତନ୍ମୟତୋଷ ବେହେରାଙ୍କୁ ଟ୍ରଫି ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନବପ୍ରଭାତ ପ୍ରିମିୟମ୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ହୋଇଥିଲା। ଶୃଙ୍ଖଳିତ ଖେଳାଳୀ ଭାବେ ତ୍ରିଲୋଚନ ବେହେରା, ବେଷ୍ଟ ବୋଲର ଭାନୁପ୍ରତାପ ବେହୁରା, ବେଷ୍ଟ ବ୍ୟାଟ୍‌ସମ୍ୟାନ୍ ଚିରଞ୍ଜନ ବେହେରା, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଣବ ପ୍ରିୟବ୍ରତ ଜେନା, ମ୍ୟାନ୍ ଅଫ୍ ଦି ସିରିଜ୍ ପ୍ରଶାନ୍ତ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଭୁପୂର୍ଣ୍ଣିମା ଉତ୍ସବ, ଧର୍ମସଭା

**କଟକ ଅଫିସ, ୧୪।୫**

କଟକ ଚାନ୍ଦିନୀଚୌକସ୍ଥିତ ପାଟପୁର ମହିମା ଆଶ୍ରମରେ ବ୍ରହ୍ମାବଧୂତ ବିଶ୍ୱନାଥ ବାବା ସ୍ମୃତି ପରିଷଦ ପକ୍ଷରୁ ପ୍ରଭୁପୂର୍ଣ୍ଣିମା ଉତ୍ସବ ଓ ଧର୍ମସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମସେବାର ଅବଧୂତ ଭରତ ବାବା ଯୋଗଦେଇ କହିଥିଲେ, ନିଃସ୍ୱାର୍ଥପର ଭାବେ ମଣିଷକୁ ଭଲ ପାଇଲେ ପୃଥିବୀ ସୁରକ୍ଷିତ ହୋଇପାରିବ। ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ହରିଶ୍ଚନ୍ଦ୍ର ସାହୁ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ, ମହିମା ଧର୍ମର ଗବେଷକ ଡ. ସତ୍ୟାନନ୍ଦ ସ୍ୱାଇଁ ଓ ପରମାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମର୍ପଣ ପତ୍ରିକା ଉନ୍ମୋଚିତ ହୋଇଥିଲା। ଅନାଦି ଚରଣ ମହାନ୍ତି ସ୍ୱାଗତ ଭାଷଣ ଓ ରତ୍ନାକର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସ୍ୱର୍ଣ୍ଣ ପଦକ ଜିତିଲେ କଟକର ସନ୍ତୋଷ

**କଟକ ଅଫିସ,୧୪।୫**

**ହିପ୍‌ହପ୍ ଡ୍ୟାନ୍ସ ଚାମ୍ପିୟନଶିପ୍**



ଚଳିତମାସ ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ହିପ୍‌ହପ୍ ଡ୍ୟାନ୍ସ ଚାମ୍ପିୟନଶିପ୍‌ରେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି କଟକ ସିଡିଏ ଅଞ୍ଚଳର ସନ୍ତୋଷ ପାତ୍ର। ବିଭିନ୍ନ ରାଜ୍ୟରୁ ଅନେକ ପ୍ରତିଯୋଗୀ ଆସିଥିଲେ ସୁଦ୍ଧା ସମସ୍ତଙ୍କୁ ପଛରେ ପକାଇ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପରେ ଦେଶ ପାଇଁ ଗୌରବ ଆଣିବା ଲକ୍ଷ୍ୟରେ ଆମେରିକାରେ ହେବାକୁ ଥିବା ଅନ୍ତର୍ଜାତୀୟ ହିପ୍‌ହପ୍ ଡ୍ୟାନ୍ସ ପ୍ରତିଯୋଗୀତା ନିମନ୍ତେ ସେ ପ୍ରସ୍ତୁତି ଜାରି ରଖିଛନ୍ତି। ଦେବେନ୍ଦ୍ର ପାତ୍ର ଓ ରେଣୁବାଳା ପାତ୍ରଙ୍କ ପୁଅ ହେଉଛନ୍ତି ସନ୍ତୋଷ। ପିଲାବେଳରୁ ନାଚ ପ୍ରତି ତାଙ୍କର ବେଶ୍ ଆଗ୍ରହ ଥିଲା। ଘର ଭିତରେ ଏକ ବଡ଼ ଦର୍ପଣ ଲଗାଇ ସେ ନିୟମିତ ଅଭ୍ୟାସ କରନ୍ତି। ଏହି ନୃତ୍ୟ ପାଇଁ ପରିବାର ଲୋକେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଏପରି କି ତାଙ୍କ ସଫଳତାକୁ ନେଇ ବେଶ୍ ଖୁସି ଅଛନ୍ତି। ଚଳିତମାସ ୪ ଓ ୬ ତାରିଖ ମୁମ୍ବାଇରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରପକ୍ଷେ ୨୨ରୁ ଉର୍ଦ୍ଧ୍ୱ ଛୋଟ ପିଲାଙ୍କୁ ସେ ନୃତ୍ୟ ଶିଖାଉଛନ୍ତି। ଭବିଷ୍ୟତରେ ଜଣେ ଭଲ କୋରିଓଗ୍ରାଫର ହେବାକୁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି।

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

## ୧୯୪୩ ମାମଲାର ଫଇସଲା



କଟକ ଜିଲା ଜଜ୍‌କୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ।

**କଟକ ଅଫିସ, ୧୪।୫**

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଓ ଦୌରାଜଜ୍ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ବିଦ୍ୟୁତ୍ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିଲା କୋର୍ଟର ବିଚାରପତିମାନେ ନିଜ କୋର୍ଟରେ ଥିବା ମାମଲାର ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ମୋଟ୍ ୯୧୩୫ ମାମଲାରୁ ୧୯୩୮ଟି ଫଇସଲା କରାଯାଇଥିଲା। ଏଥିସହ ୧୨ କୋଟି ୮୧ ଲକ୍ଷ ୫୭ ହଜାର ୫୫୯ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ଆଦାୟ ପାଇଁ ସ୍ଥିରୀକୃତ ହୋଇଥିଲା। ଏଥିରେ ବିଶେଷକରି ପ୍ରାକ୍ ବିବାଦୀୟ ମାମଲା, ମୋଟର ଯାନ ଦୁର୍ଘଟଣା ଓ ବିଦ୍ୟୁତ୍ ଅଧିନିୟମଜନିତ ମାମଲା ଫଇସଲା କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୯ଟି ମାମଲାରୁ ୫ଟି ଫଇସଲା କରାଯାଇଥିଲା। ଆୟୋଗର ପ୍ରଥମ ଓ ଦ୍ୱିତୀୟ ବେଞ୍ଚର ସଦସ୍ୟ ପି.କେ. ପୃଷ୍ଟି, ଏଚ୍. କେ. ମହାନ୍ତି, ଡି. କେ. ମହାପାତ୍ର ଓ ଏସ୍. ଏଲ୍. ପଟ୍ଟନାୟକଙ୍କ ଅଧକ୍ଷତାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଗର ସଚିବ ଶାନ୍ତନୁ କୁମାର ଦାସ ଉପସ୍ଥିତ ଥିଲେ।

## ୨.୫୩ କୋଟି କ୍ଷତିପୂରଣ ନିର୍ଦ୍ଦେଶ

**କଟକ ଅଫିସ, ୧୪।୫**

ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟି (ଏଚ୍‌ସିଏଲ୍‌ଏସ୍‌ସି) ତତ୍ତ୍ୱାବଧାନରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଜଷ୍ଟିସ ଯଶୱନ୍ତ ସିଂ ଓ ଜଷ୍ଟିସ ସି.ଆର୍. ଦାସଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ବିଚାରପତି ଏସ୍. କେ. ସାହୁ, ଜଷ୍ଟିସ କେ. ଆର୍. ମହାପାତ୍ର, ଏସ୍.କେ. ପାଣିଗ୍ରାହୀ, ଏସ୍. ରଥ, ଏମ୍.ଏସ୍. ସାହୁ, ଏ. କେ. ମହାପାତ୍ର, ଭି. ନରସିଂହ, ବି. ପି. ଶତପଥୀ ଓ ଜଷ୍ଟିସ ଏମ୍. ଏସ୍. ରମନଙ୍କ ଅଧକ୍ଷତାରେ ବିଭିନ୍ନ ବେଞ୍ଚରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାଙ୍କ, ବୀମା, ଅପରାଧ ଓ ଅନ୍ୟ ସଂକ୍ରାନ୍ତୀୟ ୩୮ ମାମଲାର ଫଇସଲା ହୋଇଥିବାବେଳେ ୨ କୋଟି ୫୩ ଲକ୍ଷ ୯୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଲୋକ ଅଦାଲତରେ ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କର୍ପୋରେଶନ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କର୍ପୋରେଶନ, ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କର୍ପୋରେଶନ, ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଏବଂ କେତେକ ଘରୋଇ ଇନ୍‌ସ୍ୟୁରାନ୍ସ କମ୍ପାନୀ ଭାଗ ନେଇଥିଲେ।

## ୨ ବ୍ଲକରେ ୨୧୭ ମାମଲାର ଫଇସଲା

**ଆଠଗଡ଼/ଟିଗିରିଆ, ୧୪।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ଆଠଗଡ଼ ତାଲୁକ ଆଇନ ସେବା ସଂସ୍ଥା ଆନୁକୂଲ୍ୟରେ ଶନିବାର ବିଚାର ବିଭାଗୀୟ ଅଦାଲତ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ଅଧକ୍ଷ ତଥା ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଦୀପ କୁମାର ସାହୁ ଲୋକ ଅଦାଲତକୁ ଉଦ୍‌ଘାଟନ କରିବା ସହ ଅଦାଲତ ପରିଚାଳନା କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମୟୀ ଆଚାର୍ଯ୍ୟ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୁନୁମୁନୁ ଆଚାରୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ପୂଜା ଜୈନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଅଦାଲତରେ ୬ଟି ମୋଟରଯାନ ଦୁର୍ଘଟଣା ମାମଲାର ସମାଧାନ ହୋଇଥିଲା। ସହାୟତା ବାବଦରେ ୨୩ ଲକ୍ଷ ୯୦ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ୧୫ ବ୍ୟାଙ୍କ ଋଣ ମାମଲାକୁ ସମାଧାନ କରି ଅନାଦେୟ ଋଣ ବାବଦକୁ ୧୦ ଲକ୍ଷ ୮୫ ହଜାର ୪୯୭ ଟଙ୍କା ଆଦାୟ କରାଯାଇଥିଲା। ୪୦ଟି ଫୌଜଦାରି ମାମଲାର ଓ ୩ ଅନ୍ୟାନ୍ୟ ମାମଲାର ସମାଧାନ କରିଥିଲେ। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଅଦାଲତ ପରିଚାଳନା କରି ରାଜସ୍ୱ ବାବଦରେ ୧୮ ହଜାର ୧୪୭ ଟଙ୍କା ଆଦାୟ କରିଥିଲେ। ସେହିପରି ଟିଗିରିଆ କୋର୍ଟ ପରିସରରେ ୨ୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫,୩୯,୭୪୭ ଟଙ୍କା ଆଦାୟ କରାଯାଇଛି। ଟିଗିରିଆ ତାଲୁକ ଆଇନ ସେବା କମିଟି ଅଧକ୍ଷା ସୁମିତ୍ରା କୁମାରୀ ଦାଶ ଏଥିରେ ଅଧକ୍ଷତା କରିଥିଲେ। ୧୧୮ ମାମଲାର ଫଇସଲା କରାଯାଇ ୨୯, ୭୪୭ ଟଙ୍କା ଆଦାୟ କରାଯାଇଥିଲା। ଟିଗିରିଆ ୟୁକୋ ବ୍ୟାଙ୍କର ୩୨ ଅନାଦେୟ ମାମଲାରୁ ୩ଟି ବିଚାର କରି ୫,୧୦,୦୦୦ ଟଙ୍କା ଆଦାୟ କରାଯାଇଛି। ଏହାକୁ ଟିଗିରିଆ ଓକିଲ ସଂଘ ସଭାପତି ସରୋଜ କୁମାର ସାହୁ, ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଦାଶ,ରମେଶ ଚନ୍ଦ୍ର ମାଝୀ,ମଙ୍ଗଳ କୃଷ୍ଣ ଦାଶ, ଶାନ୍ତନୁ ଦାଶ,ଏପିପି ରଶ୍ମିପ୍ରଭା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ

**ଟିଗିରିଆ,୧୪।୫(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ସର୍ବପୁରାତନ ଶଙ୍କର୍ଷଣ ପୀଠରେ ଶନିବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏନେଇ ଗୋପୀନାଥପୁରଠାରୁ କଳସ ଯାତ୍ରା ବାହାରି ମନ୍ଦିରରେ କଳସ ସ୍ଥାପନପରେ ଯଜ୍ଞ ଆରମ୍ଭ ହୋଇଥିଲା। ଗ୍ରାମ ମୁରବୀ ପୀତବାସ ଦାଶଙ୍କ ପୌରୋହିତ୍ୟର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ତ୍ରିଲୋଚନ ମହାପାତ୍ର, ପ୍ରଚାରକ ଅଭିଷେକ ଦାଶ, ହୃଷୀକେଶ ମିଶ୍ର, ରଘୁ ମିଶ୍ର, ପ୍ରଦୀପ ମିଶ୍ର, ଶ୍ରୀନିବାସ ଦାଶ, ବସନ୍ତ ଦାଶ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ପୂର୍ଣ୍ଣାହୁତି ହେବ ବୋଲି ପୀତବାସ ଦାଶ କହିଛନ୍ତି।



ଶଙ୍କର୍ଷଣ ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ।

## ମାଣିଆବନ୍ଧର ଐତିହ୍ୟ, କଳା ଓ ସଂସ୍କୃତି ଅନନ୍ୟ

**ବଡ଼ମ୍ବା,୧୪।୫(ଡି. ଏନ୍. ଏ.)**

କଟକ ଜିଲା ବଡ଼ମ୍ବା ବ୍ଲକ ଅଧୀନ ବୌଦ୍ଧ ଗ୍ରାମ ମାଣିଆବନ୍ଧସ୍ଥିତ ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ର ପରିସରରେ ଶନିବାର ଦଶମ ମାଣିଆବନ୍ଧ ବୁଦ୍ଧ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ସେ ବୌଦ୍ଧ ଗ୍ରାମ ମାଣିଆବନ୍ଧର ଐତିହ୍ୟ, କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଉପଜିଲାପାଳ ଆଠଗଡ଼ ହେମନ୍ତ କୁମାର ସ୍ୱାଇଁ, ଅନ୍ୟତମ ଅତିଥିଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି ଯୋଗଦେଇଥିଲେ।





ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଦଶମ ବୁଦ୍ଧ ମହୋତ୍ସବ**

ମହୋତ୍ସବ କମିଟି ସଭାପତି ଚକ୍ରଧର ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ତହସିଲଦାର ତପନ କୁମାର ପରିଡା, ଜିଲାପରିଷଦ ସଭ୍ୟା ନୟନ ସାହୁ, ବଡ଼ମ୍ବା ପଞ୍ଚାୟତ ସମିତି ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ପୂର୍ବତନ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମାଣିଆବନ୍ଧ ବୌଦ୍ଧ ସଂଘ ସଭାପତି ଅରକ୍ଷିତ ଦେବତା ସ୍ୱାଗତ ଭାଷଣ ଓ ମହୋତ୍ସବ କମିଟି ସମ୍ପାଦକ ଆଇନଜୀବୀ ଅଜିତ ପ୍ରସାଦ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।